# କାରକ ଓ ବିଭକ୍ତି

## (କ) କାରକର ସାମାନ୍ୟ ଜ୍ଞାନ :

**ନିମ୍ନଲିଖିତବାକ୍ୟାନି ପଠତ :**

(କ) ଦେବଦତ୍ତଃ ବିଦ୍ୟାଳୟଂ ଗଚ୍ଛତି ।

(ଖ) ସେବକୌ କାର୍ଯ୍ୟଂ କୁରୁତଃ ।

(ଗ) ଶିକ୍ଷକାଃ କକ୍ଷାମ୍ ଆଗଚ୍ଛନ୍ତି ।

ଉପର୍ଯ୍ୟୁକ୍ତ ତିନିଗୋଟି ବାକ୍ୟରେ 'ଗଚ୍ଛତି', 'କୁରୁତଃ' ଓ 'ଆଗଚ୍ଛନ୍ତି'- ଏହି ତିନିଗୋଟି କ୍ରିୟାପଦ ବ୍ୟବହୃତ ହୋଇଛି । ଏହି କ୍ରିୟାଗୁଡ଼ିକର ବାକ୍ୟରେ ଥିବା ଅନ୍ୟାନ୍ୟ ପଦ ଯଥା : ଦେବଦତ୍ତ, ବିଦ୍ୟାଳୟ, କାର୍ଯ୍ୟ, କକ୍ଷ ଇତ୍ୟାଦି ପଦ ସହିତ ସମ୍ବନ୍ଧ ରହିଛି । ତେଣୁ ପ୍ରଥମ ବାକ୍ୟରେ 'ଦେବଦତ୍ତ' ଓ 'ବିଦ୍ୟାଳୟ' ପଦ କ୍ରିୟାପଦ 'ଗଚ୍ଛତି' ସହିତ ଅନ୍ୱିତ ବା ସମ୍ବନ୍ଧିତ ହେଉଛନ୍ତି । ତେଣୁ ଏମାନେ ଗୋଟିଏ ଗୋଟିଏ 'କାରକ' ଅଟନ୍ତି ।

## (ଖ) ସଂଜ୍ଞା ଓ ପ୍ରକାରଭେଦ :

ବାକ୍ୟରେ କ୍ରିୟାପଦ ସହିତ ଯେଉଁ ପଦର ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ, ତାକୁ 'କାରକ' କୁହାଯାଏ ।[୧] ଅତଏବ ଦେବଦତ୍ତଃ, ବିଦ୍ୟାଳୟମ୍, ସେବକୌ, କାର୍ଯ୍ୟମ୍, ଶିକ୍ଷକାଃ ଓ କକ୍ଷାମ୍ - ଏହି ପଦଗୁଡ଼ିକ 'କାରକ' ଅଟନ୍ତି । କ୍ରିୟାପଦ ସହ ବାକ୍ୟରେ ଥିବା ଅନ୍ୟପଦମାନଙ୍କର ଭିନ୍ନ ଭିନ୍ନ ସମ୍ବନ୍ଧ ଥିବାରୁ କାରକର ଭିନ୍ନ ଭିନ୍ନ ପ୍ରକାରଭେଦ ରହିଅଛି । ଯେପରି ପ୍ରଥମ ବାକ୍ୟରେ 'ଗଚ୍ଛତି' କ୍ରିୟା ସମ୍ପାଦନରେ 'ଦେବଦତ୍ତ' ସ୍ୱତନ୍ତ୍ର ଅଟେ । ସେ କ୍ରିୟା ସମ୍ପାଦକ ହୋଇଥିବାରୁ କ୍ରିୟାପଦ ସହିତ ତା'ର କର୍ତ୍ତୃସମ୍ବନ୍ଧ ବ୍ୟକ୍ତ ହେଉଅଛି । ସୁତରାଂ 'ଦେବଦତ୍ତଃ' ବାକ୍ୟରେ କର୍ତ୍ତୃକାରକ ଅଟେ । ସେହିପରି 'ସେବକୌ' ଓ 'ଶିକ୍ଷକାଃ' ମଧ୍ୟ କର୍ତ୍ତୃକାରକ ଅଟନ୍ତି ।

କାରକ ଛଅ ପ୍ରକାର । ଯଥା- କର୍ତ୍ତୃକାରକ, କର୍ମକାରକ, କରଣକାରକ, ସଂପ୍ରଦାନ କାରକ, ଅପାଦାନ କାରକ ଓ ଅଧିକରଣ କାରକ । ଏତଦ୍ ଭିନ୍ନ ବାକ୍ୟରେ 'ସମ୍ବନ୍ଧ ପଦ' ମଧ୍ୟ ଥାଏ । ନିମ୍ନରେ ଗୋଟିଏ ବାକ୍ୟରେ ସମସ୍ତ ଛଅଗୋଟି କାରକ ଓ ସମ୍ବନ୍ଧପଦର ଉଲ୍ଲେଖ କରାଯାଇଛି ।

ଅଯୋଧ୍ୟାର ରାଜା ଦଶରଥ ପ୍ରାତଃକାଳରେ ମାଗୁଥିବା ଲୋକଙ୍କୁ ରାଜକୋଷରୁ ଅମାତ୍ୟମାନଙ୍କ ଦ୍ୱାରା ଧନଦାନ କରୁଥିଲେ ।

୧- କିଏ ଦାନ କରୁଥିଲେ ? ଦଶରଥ-ଦଶରଥଃ-କର୍ତ୍ତୃକାରକ ଓ ପ୍ରଥମା ବିଭକ୍ତି ।

୨- କ'ଣ ଦାନ କରୁଥିଲେ ? ଧନ-ଧନମ୍-କର୍ମକାରକ ଓ ଦ୍ୱିତୀୟା ବିଭକ୍ତି ।

୩- କାହାଦ୍ୱାରା ଦାନ କରୁଥିଲେ ? ଅମାତ୍ୟମାନଙ୍କଦ୍ୱାରା- ଅମାତ୍ୟୈଃ-କରଣ କାରକ ଓ ତୃତୀୟା ବିଭକ୍ତି ।

୪- କାହାକୁ ଦାନ କରୁଥିଲେ ? - ମାଗୁଥିବା ଲୋକଙ୍କୁ -ଯାଚକେଭ୍ୟଃ-ସଂପ୍ରଦାନ କାରକ ଓ ଚତୁର୍ଥୀ ବିଭକ୍ତି ।

୫- କେଉଁଠାରୁ ଦାନ କରୁଥିଲେ ? - ରାଜକୋଷରୁ-ରାଜକୋଷାତ୍-ଅପାଦାନ କାରକ ଓ ପଞ୍ଚମୀ ବିଭକ୍ତି ।

୬- କେତେବେଳେ ଦାନ କରୁଥିଲେ ?- ପ୍ରାତଃକାଳରେ- ପ୍ରାତଃକାଳେ- ଅଧିକରଣ କାରକ ଓ ସପ୍ତମୀ ବିଭକ୍ତି ।

୭- କେଉଁଦେଶର ରାଜା ?- ଅଯୋଧ୍ୟାର- ଅଯୋଧ୍ୟାୟାଃ-ସମ୍ବନ୍ଧପଦ ଓ ଷଷ୍ଠୀ ବିଭକ୍ତି ।

---

୧. **'କ୍ରିୟାନ୍ୱୟିତ୍ୱଂ କାରକତ୍ୱମ୍' । କ୍ରିୟା ଜନକତ୍ୱଂ କାରକତ୍ୱମ୍ ଅର୍ଥାତ୍ ଯିଏ କ୍ରିୟାର ଜନକ ତାକୁ ମଧ୍ୟ 'କାରକ' କୁହାଯାଏ ।**

ତେଣୁ -

**ଅଯୋଧ୍ୟାୟାଃ ରାଜା ଦଶରଥଃ ପ୍ରାତଃକାଳେ ଅମାତ୍ୟୈଃ ରାଜକୋଷାତ୍ ଯାଚକେଭ୍ୟଃ ଧନମ୍ ଅଦଦାତ୍ ।**

ଏହିପରି କାରକ ଛଅ ପ୍ରକାର ଅଟେ ।[୧]

## (ଗ) ବିଭକ୍ତି :

(୧) ସଂଖ୍ୟା ବା ବଚନ ଓ କାରକ ଯେଉଁ ସଂକେତଦ୍ୱାରା ଚିହ୍ନିତ ହୁଏ, ସେହି ସଂକେତଗୁଡ଼ିକୁ ବିଭକ୍ତି କୁହାଯାଏ ।[୨] ଯଥା : <u>ବାଳକଃ</u> ଗଚ୍ଛତି । <u>ବାଳକୌ</u> ପଶ୍ୟ । <u>ବାଳକୈଃ</u> ଗମ୍ୟତେ । ପ୍ରଥମ ବାକ୍ୟରେ 'ସୁ' ଦ୍ୱାରା 'ବାଳକଃ' କର୍ତ୍ତୃକାରକ ଓ ଏକବଚନ, ଦ୍ୱିତୀୟ ବାକ୍ୟରେ 'ଔ' ଦ୍ୱାରା 'ବାଳକୌ' କର୍ମକାରକ ଓ ଦ୍ୱିବଚନ ଏବଂ ତୃତୀୟ ବାକ୍ୟରେ 'ଐ' (ଭିସ୍) ଦ୍ୱାରା 'ବାଳକୈଃ' ଅନୁକ୍ତ କର୍ତ୍ତା ଓ ବହୁବଚନ ବୋଲି ଚିହ୍ନିତ ହୋଇଛି ।

(୨) ବିଭକ୍ତି ସାତ ପ୍ରକାର । ଯଥା- ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ।

(୩) ଉକ୍ତ ସାତପ୍ରକାର ବିଭକ୍ତି କାରକ ବିଭକ୍ତି ଓ ଉପପଦ ବିଭକ୍ତି ଭେଦରେ ଦୁଇଭାଗରେ ବିଭକ୍ତ । 'କ୍ରିୟା'ଯୋଗରେ ହେଉଥିବା ବିଭକ୍ତିକୁ କାରକ ବିଭକ୍ତି ଓ 'ପଦ' ଯୋଗରେ ହେଉଥିବା ବିଭକ୍ତିକୁ 'ଉପପଦ' ବିଭକ୍ତି କୁହାଯାଏ । ଯଥା- (୧) <u>ଶିବଂ ନମସ୍କୁରୁ</u> । ଏଠାରେ କର୍ତ୍ତୃପଦ 'ତ୍ୱମ୍' ଉହ୍ୟ ଅଛି । ତେବେ କ୍ରିୟାପଦ 'କୁରୁ' ପାଇଁ 'ଶିବ' ଶବ୍ଦ 'କର୍ମପଦ' ଅଟେ । କାରଣ ଏହା କର୍ତ୍ତାର ଈପ୍ସିତତମ । ତେଣୁ କର୍ମକାରକରେ କର୍ମଠାରେ (ଅନୁକ୍ତେ) କର୍ମଣି ଦ୍ୱିତୀୟା ସୂତ୍ରରେ ଦ୍ୱିତୀୟାବିଭକ୍ତି ବିଧାନ କରାଗଲା । ଏହା '<u>କାରକ ବିଭକ୍ତି</u>' ଅଟେ । କିନ୍ତୁ (୨) <u>ଶିବାୟ ନମଃ</u> । ଏଠାରେ କ୍ରିୟାପଦ ନଥିବାରୁ ଉପପଦ ବିଭକ୍ତି ଅନୁସାରେ '<u>ନମଃ</u>' ଶବ୍ଦଯୋଗେ 'ଶିବ' ଶବ୍ଦରେ ଚତୁର୍ଥୀ ବିଭକ୍ତି ବିଧାନ ହେଲା । ଏହାକୁ '<u>ଉପପଦ ବିଭକ୍ତି</u>' କୁହାଯାଏ ।

(୪) ପ୍ରତ୍ୟେକ 'କାରକ' ଗୋଟିଏ ଗୋଟିଏ ବିଭକ୍ତି ଗ୍ରହଣ କରିଥା'ନ୍ତି । କିନ୍ତୁ 'ସମ୍ବନ୍ଧ ପଦ' ଷଷ୍ଠୀ ବିଭକ୍ତିକୁ ଗ୍ରହଣ କରେ । ଷଷ୍ଠୀ ବିଭକ୍ତ୍ୟନ୍ତ ପଦର 'କ୍ରିୟାପଦ' ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ନଥାଏ । ଏଠାରେ ଗୋଟିଏ ସଂଜ୍ଞାପଦର ଅନ୍ୟ ଏକ ସଂଜ୍ଞାପଦ ସହ ସମ୍ବନ୍ଧ ଥାଏ । ତେଣୁ ଷଷ୍ଠୀ ବିଭକ୍ତ୍ୟନ୍ତ ପଦ କାରକର ଅନ୍ତର୍ଭୁକ୍ତ ହୁଏ ନାହିଁ । ଏହାକୁ 'ସମ୍ବନ୍ଧପଦ' କୁହାଯାଏ । ଯଥା- ରାଜ୍ଞଃ ପୁରୁଷାଃ ଆଗଚ୍ଛନ୍ତି- ଏଠାରେ 'ରାଜ୍ଞଃ' ସମ୍ବନ୍ଧପଦ ଅଟେ । କାରଣ ଏହାର ପ୍ରତ୍ୟକ୍ଷ ସମ୍ବନ୍ଧ 'ପୁରୁଷାଃ' ସହିତ ରହିଛି, 'ଆଗଚ୍ଛନ୍ତି' କ୍ରିୟାପଦ ସହିତ ଏହାର ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହୋଇପାରୁନାହିଁ ।

(୫) ସମ୍ବୋଧନ- ଉପର୍ଯ୍ୟୁକ୍ତ ବିଭକ୍ତିଗୁଡ଼ିକ ବ୍ୟତୀତ ଏକ ସମ୍ବୋଧନ ପଦର ରୂପ ମଧ୍ୟ ରହିଥାଏ । ଏହାର ପ୍ରୟୋଗ କାହାକୁ 'ଡାକିବା' ରେ ଆବଶ୍ୟକ ହୁଏ । ଏହି ସମ୍ବୋଧନ ପଦର ରୂପ ପ୍ରଥମା ବିଭକ୍ତି ପରି ହୋଇଥାଏ । ଅବଶ୍ୟ ସମ୍ବୋଧନ ଏକବଚନରେ ପ୍ରଥମା ବିଭକ୍ତି ଏକବଚନ ରୂପର ଅନେକ ପରିବର୍ତ୍ତନ ହୋଇଯାଏ । କିନ୍ତୁ ଦ୍ୱିବଚନ ଓ ବହୁବଚନରେ ରୂପ ପ୍ରଥମା ବିଭକ୍ତିର ଅବିକଳ ରୂପକୁ ଗ୍ରହଣ କରେ । ଯଥା- ଭୋ ବାଳକ, ଭୋ ବାଳକୌ, ଭୋ ବାଳକାଃ ଇତ୍ୟାଦି । ନିମ୍ନରେ ଗୋଟିଏ ପଦର ସମସ୍ତ ବିଭକ୍ତିରେ ପ୍ରୟୋଗର ଉଦାହରଣ ଦିଆଗଲା ।

**ରାମୋ ରାଜମଣିଃ ସଦା ବିଜୟତେ ରାମଂ ରମେଶଂ ଭଜେ**
**ରାମେଣାଭିହତା ନିଶାଚରଚମୂଃ ରାମାୟ ତସ୍ମୈ ନମଃ ॥**
**ରାମାନ୍ନାସ୍ତି ପରାୟଣଂ ପରତରଂ ରାମସ୍ୟ ଦାସୋଽସ୍ମ୍ୟହଂ**
**ରାମେ ଚିତ୍ତଲୟଃ ସଦା ଭବତୁ ମେ ହେ ରାମ ! ମାମୁଦ୍ଧର ॥**

---

୧. "କର୍ତ୍ତା କର୍ମ ଚ କରଣଂ ସଂପ୍ରଦାନଂ ତଥୈବ ଚ ।
ଅପାଦାନାଧିକରଣମ୍ ଇତ୍ୟାହୁଃ କାରକାଣି ଷଟ୍ ॥"

୨. "ସଂଖ୍ୟାକାରକବୋଧୟିତ୍ରୀ ବିଭକ୍ତିଃ ॥"

## ଅଭ୍ୟାସଃ

୧। କୋଷ୍ଠକାତ୍ ଯଥାର୍ଥପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।

ପିତା : ଅୟମ୍ ଏକଃ ବିଦ୍ୟାଳୟଃ । ଅତ୍ର ______ ପଠନ୍ତି ।

ପୁତ୍ରଃ : ଏଷଃ କଃ ଗଚ୍ଛତି ?

ପିତା : ଅୟଂ ______ ଗଚ୍ଛତି ।

ପୁତ୍ରଃ : ତତ୍ର ବାଟିକାୟାଂ କେ କାର୍ଯ୍ୟଂ କୁର୍ବନ୍ତି ?

ପିତା : ତେ ______ ବାଟିକାୟାଂ କାର୍ଯ୍ୟଂ କୁର୍ବନ୍ତି ।

ପୁତ୍ରଃ : ଏତୌ କୌ ଆଗଚ୍ଛତଃ ?

ପିତା : ______ ବିଦ୍ୟାଳୟମ୍ ଆଗଚ୍ଛତଃ ।

ପୁତ୍ରଃ : ତତ୍ର କେ ଦଣ୍ଡାୟମାନାଃ ସନ୍ତି ?

ପିତା : ତତ୍ର ______ ଦଣ୍ଡାୟମାନାଃ ସନ୍ତି ।

(ଅଭିଭାବକାଃ, ସେବକାଃ, ଛାତ୍ରାଃ, ଦେବଦତ୍ତଃ, ଶିକ୍ଷକୌ)

୨। 'କ' ସ୍ତମ୍ଭସ୍ୟ କର୍ତ୍ତୃପଦାନାଂ 'ଖ' ସ୍ତମ୍ଭସ୍ୟ କ୍ରିୟାପଦୈଃ ସହ ମେଳନଂ କୃତ୍ୱା 'ଗ' ସ୍ତମ୍ଭେ ବାକ୍ୟାନି ଲିଖତ ।

| | କ | ଖ | ଗ |
|---|---|---|---|
| ଯଥା : | ପବନଃ | ବହତି | ପବନଃ ବହତି । |
| | ନଦ୍ୟଃ | ଭାନ୍ତି | ______ । |
| | ଘନାଃ | ସମାଶ୍ୱସନ୍ତି | ______ । |
| | ମତ୍ତଗଜାଃ | ଧାୟନ୍ତି | ______ । |
| | ବନାନ୍ତାଃ | ନୃତ୍ୟନ୍ତି | ______ । |
| | ପ୍ରିୟାବିହୀନାଃ | ନଦନ୍ତି | ______ । |
| | ଶିଖିନଃ | ବର୍ଷନ୍ତି | ______ । |
| | ପ୍ଲବଙ୍ଗାଃ | ବହନ୍ତି | ______ । |

ସୂଚନା : ବହନ୍ତି ବର୍ଷନ୍ତି ନଦନ୍ତି ଭାନ୍ତି ଧାୟନ୍ତି ନୃତ୍ୟନ୍ତି ସମାଶ୍ୱସନ୍ତି ।
ନଦ୍ୟୋ ଘନାଃ ମତ୍ତଗଜାଃ ବନାନ୍ତାଃ ପ୍ରିୟାବିହୀନାଃ ଶିଖିନଃ ପ୍ଲବଙ୍ଗାଃ ॥

୩। କୋଷ୍ଠକାତ୍ କର୍ତ୍ତୃପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।

(କ) ______ ଶିକ୍ଷକଂ ପୃଚ୍ଛତି ।

(ଖ) ______ ସାହିତ୍ୟଂ ପଠସି ।

(ଗ) ______ ଫଳଂ ନେଷ୍ୟାମଃ ।

(ଘ) ______ କଳହଂ ମା କୁରୁତମ୍ ।

(ଙ) ______ ଗ୍ରାମଂ ଗଚ୍ଛାବଃ ।

(ବୟମ୍, ତ୍ୱମ୍, ଛାତ୍ରଃ, ଆବାମ୍, ଯୁବାମ୍)

# କର୍ତ୍ତୃକାରକ ଓ ପ୍ରଥମା ବିଭକ୍ତି

**୧। କିଏ କାର୍ଯ୍ୟ କରୁଛନ୍ତି ?**

(କ) ଛାତ୍ରଃ ପଠତି ।

(ଖ) ବାଳକଃ ପଶ୍ୟତି ।

(ଗ) ଦେବଦତ୍ତଃ ଗଚ୍ଛତି ।

ଏଠାରେ ଛାତ୍ର 'ପଠନ' କାର୍ଯ୍ୟ, ବାଳକ 'ଦର୍ଶନ' କାର୍ଯ୍ୟ ଓ ଦେବଦତ୍ତ 'ଗମନ' କାର୍ଯ୍ୟ କରୁଛନ୍ତି । ଅର୍ଥାତ୍ ଏମାନେ ସେହି ସେହି କ୍ରିୟା ସାଧନ ପାଇଁ ସ୍ୱତନ୍ତ୍ର ବା ପ୍ରଧାନ ଅଟନ୍ତି । ଅତଏବ ସେମାନେ ବାକ୍ୟରେ 'କର୍ତ୍ତା' ଅଟନ୍ତି । **ତେଣୁ କ୍ରିୟା ସାଧନ ପାଇଁ ଯେ ସ୍ୱତନ୍ତ୍ର ବା ପ୍ରଧାନ, ତାକୁ 'କର୍ତ୍ତା' କୁହାଯାଏ ।**[୧]

୨। **ପ୍ରଧାନ = ମୁଖ୍ୟ = ବାଚ୍ୟ = ଉକ୍ତ** – ଏହି ଚାରିଗୋଟି ଶବ୍ଦ ସଂସ୍କୃତ ବ୍ୟାକରଣ ଦୃଷ୍ଟିରୁ ପର୍ଯ୍ୟାୟବାଚୀ ଅଟନ୍ତି । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ତ୍ତା ପ୍ରଧାନ ବା ବାଚ୍ୟ ହୋଇଥିବାରୁ ଏଗୁଡ଼ିକ କର୍ତ୍ତୃବାଚ୍ୟ ଅଟନ୍ତି । 'କର୍ତ୍ତୃବାଚ୍ୟ'ରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି ହୁଏ । ଉକ୍ତ କର୍ତ୍ତାରେ ପ୍ରଥମା ବିଭକ୍ତିକୁ ସଂସ୍କୃତରେ 'ଉକ୍ତେ କର୍ତ୍ତରି ପ୍ରଥମା' କୁହାଯାଏ ।[୨] ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଦେଖ ।

(କ) ଛାତ୍ରଃ ସଂସ୍କୃତଂ ପଠତି ।

(ଖ) ବାଳକଃ ଚନ୍ଦ୍ରଂ ପଶ୍ୟତି ।

(ଗ) ଦେବଦତ୍ତଃ ଗ୍ରାମଂ ଗଚ୍ଛତି ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ 'କର୍ତ୍ତା' ପ୍ରଧାନ ବା ଉକ୍ତ ହୋଇଥିବାରୁ ଏଗୁଡ଼ିକ କର୍ତ୍ତୃବାଚ୍ୟ ତେଣୁ ଉକ୍ତ କର୍ତ୍ତା 'ଛାତ୍ର', 'ବାଳକ' ଓ 'ଦେବଦତ୍ତ'ଠାରେ 'ଉକ୍ତେ କର୍ତ୍ତରି ପ୍ରଥମା' ବା 'କର୍ତ୍ତରି ପ୍ରଥମା' ସୂତ୍ର ଦ୍ୱାରା ପ୍ରଥମା ବିଭକ୍ତି ବିଧାନ କରାଗଲା ।

**୩। ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।**

(କ) ଛାତ୍ରେଣ <u>ଇତିହାସଃ</u> ପଠ୍ୟତେ ।

(ଖ) ବାଳକେନ <u>ଚନ୍ଦ୍ରଃ</u> ଦୃଶ୍ୟତେ ।

(ଗ) ଦେବଦତ୍ତେନ <u>ଗ୍ରାମଃ</u> ଗମ୍ୟତେ ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ମପଦ 'ଇତିହାସଃ', 'ଚନ୍ଦ୍ରଃ' ଓ 'ଗ୍ରାମଃ' ଉକ୍ତ ବା ପ୍ରଧାନ ହୋଇଥିବାରୁ, ଏହି ବାକ୍ୟଗୁଡ଼ିକ କର୍ମବାଚ୍ୟରେ ଅଛନ୍ତି । ତେଣୁ କର୍ମବାଚ୍ୟରେ କର୍ମଠାରେ ପ୍ରଥମା ବିଭକ୍ତି ହୋଇଥାଏ ।[୩]

୪। (କ) ହେ <u>ଛାତ୍ରାଃ</u> ! ଅଦ୍ୟ କିଂ ପଠିଷ୍ୟଥ ?

(ଖ) ଅରେ <u>ବାଳକ</u> ! ତବ ନାମ କିମ୍ ?

---

୧. 'ସ୍ୱତନ୍ତ୍ରଃ କର୍ତ୍ତା' ।

୨. "ଉକ୍ତେ କର୍ତ୍ତରି ପ୍ରଥମା"– କର୍ତ୍ତୃବାଚ୍ୟରେ କର୍ତ୍ତା ଉକ୍ତ ହୁଏ । ଉକ୍ତ କର୍ତ୍ତାଠାରେ ପ୍ରଥମା ହୁଏ । ଅନୁକ୍ତ କର୍ତ୍ତାଠାରେ ତୃତୀୟା ହୁଏ ।

୩. ଉକ୍ତେ କର୍ମଣି ପ୍ରଥମା ।

ଏଠାରେ ହେ, ଅରେ ଇତ୍ୟାଦି ପଦରେ ଯଥାକ୍ରମେ ଛାତ୍ର, ବାଳକ ପ୍ରଭୃତିଙ୍କୁ ସମ୍ବୋଧନ କରାଯାଇଛି । ତେଣୁ 'ସମ୍ବୋଧନ'କୁ ବୁଝାଇଲେ 'ପ୍ରଥମା ବିଭକ୍ତି' ହୋଇଥାଏ । ସମ୍ବୋଧନର ଏକବଚନରେ ରୂପର ପରିବର୍ତ୍ତନ ଦେଖାଯାଏ ମାତ୍ର ଦ୍ୱିବଚନ ଓ ବହୁବଚନ ପ୍ରଥମା ବିଭକ୍ତି ପରି ହୋଇଥାଏ ।[୧]

୫। (କ) ତ୍ୱମ୍ ଏବ ମମ ପରମଃ ବନ୍ଧୁଃ ।

(ଖ) ଆସୀତ୍ ପୁରା ବାଲ୍ମୀକିଃ ନାମ ମହାନ୍ କବିଃ ।

(ଗ) ରାମଃ ଇତି ବାଳକଃ ଅତ୍ର ପଠତି ।

ଏଠାରେ ଏବ (କେବଳ), ନାମ (ନାମକ), ଇତି (ବୋଲି) ପ୍ରଭୃତି ଅବ୍ୟୟ ପଦ ଅଟନ୍ତି । 'ତ୍ୱମ୍', ବାଲ୍ମୀକିଃ ଓ ରାମଃ ପ୍ରଭୃତି ଶବ୍ଦର ଯେଉଁ ପ୍ରଥମା ବିଭକ୍ତି ହୋଇଛି, ତାହା ଉପର୍ଯ୍ୟୁକ୍ତ ଅବ୍ୟୟ ପଦଗୁଡ଼ିକ ଯୋଗରେ ହୋଇଛି । ଏହାକୁ 'ଅବ୍ୟୟଯୋଗେ ପ୍ରଥମା' କୁହାଯାଏ ।[୨]

## ମନେରଖ

- କ୍ରିୟାସାଧନରେ ଯେ ସ୍ୱତନ୍ତ୍ର ବା ପ୍ରଧାନ, ତାକୁ କର୍ତ୍ତା କୁହାଯାଏ ।
- ଯେଉଁ ବାକ୍ୟରେ କର୍ତ୍ତାପ୍ରଧାନ, ତାହା କର୍ତ୍ତୃବାଚ୍ୟ ଏବଂ କର୍ତ୍ତୃବାଚ୍ୟରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି ହୁଏ ।
- ସମ୍ବୋଧନ ଏକ ସ୍ୱତନ୍ତ୍ର ବିଭକ୍ତି ନୁହେଁ । ଏହା ପ୍ରଥମା ବିଭକ୍ତିର ଅନ୍ତର୍ଭୁକ୍ତ ।
- ପ୍ରଥମା ବିଭକ୍ତି ଏକବଚନ ବ୍ୟତୀତ ସମ୍ବୋଧନର ରୂପ ପ୍ରଥମା ବିଭକ୍ତି ସଦୃଶ ।
- ସମ୍ବୋଧନକୁ ବୁଝାଇଲେ ପ୍ରଥମା ବଭକ୍ତି ହୁଏ ।
- କେତେକ ଅବ୍ୟୟଯୋଗେ ମଧ୍ୟ ପ୍ରଥମା ବିଭକ୍ତି ହୋଇଥାଏ ।

## ଅଭ୍ୟାସଃ

୧। ଅଧୋଲିଖିତପଦାନାଂ ସମ୍ବୋଧନେ ରୂପାଣି ଲିଖତ । ଯଥା : ମାତା- ହେ ମାତଃ !

(କ) ସୌରଭଃ ________ । (ଚ) ଭ୍ରାତା ________ ।

(ଖ) ଦେବୀ ________ । (ଛ) ନଦ୍ୟଃ ________ ।

(ଗ) ମୁନିଃ ________ । (ଜ) ବାଳିକେ ________ ।

(ଘ) ପ୍ରଭୁଃ ________ । (ଝ) ହରିଃ ________ ।

(ଙ) ଲତା ________ । (ଞ) ପୁତ୍ରାଃ ________ ।

୨। ଅଧୋଲିଖିତାନି ଅବ୍ୟୟପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ । ଯଥା : ଏବ - ସତ୍ୟମ୍ ଏବ ଜୟତେ ।

ଇତି ________ ।

ଅପି ________ ।

ନାମ ________ ।

---

୧. 'ସମ୍ବୋଧନେ ଚ'

୨. 'କ୍ୱଚିନ୍ନିପାତେନ ଅଭିଧାନମ୍' (ଅବ୍ୟୟଯୋଗେ ପ୍ରଥମା) ।

୩। କୋଷ୍ଠକାତ୍ ଯଥାର୍ଥ କର୍ତ୍ତୃପଦାନି ବ୍ୟବହୃତ୍ୟ ଶୂନ୍ୟସ୍ଥାନଂ ପୂରୟତ । ଯଥା : ଛାତ୍ରୌ ବ୍ୟାକରଣଂ ପଠତଃ ।

(କ) ________ ଗାଂ ବଧ୍ନାତି । (ଚ) ________ ଦେଶଂ ରକ୍ଷନ୍ତି ।

(ଖ) ________ ହରିଂ ଭଜତି । (ଛ) ________ ବୃକ୍ଷମ୍ ଆରୋହତଃ ।

(ଗ) ________ ଗୁରୁଂ ପ୍ରଣମାମି । (ଜ) ________ ମନ୍ଦିରଂ ଗମିଷ୍ୟଥଃ ।

(ଘ) ________ ଦୁଗ୍ଧଂ ପିବତଃ । (ଝ) ________ ପାଠଂ ସ୍ମରାମଃ ।

(ଙ) ________ ଚିତ୍ରାଣି ପଶ୍ୟନ୍ତି । (ଞ) ________ କୁତ୍ର ଗଚ୍ଛସି ?

(ବୟମ୍, ବାଳୌ, ଗୋପାଳଃ, ବାନରୌ, ଅହମ୍, ଶିଶବଃ, ତ୍ୱମ୍, ସୈନିକାଃ, ଯୁବାମ୍, ଭକ୍ତଃ)

୪। କୋଷ୍ଠକାତ୍ (ଉକ୍ତ) କର୍ମପଦାନି ବ୍ୟବହୃତ୍ୟ ଶୂନ୍ୟସ୍ଥାନଂ ପୂରୟତ । ଯଥା : ରମେଣ ରାବଣଃ ହତଃ ।

(କ) ଛାତ୍ରେଣ ________ ପଠ୍ୟତେ । (ଚ) ମାତ୍ରା ________ ଉଚ୍ୟତେ ।

(ଖ) ଭକ୍ତେନ ________ ସେବ୍ୟତେ । (ଛ) ତ୍ୱୟା ________ ଦୃଷ୍ଟା ।

(ଗ) ରାମେଣ ________ ଗମ୍ୟତେ । (ଜ) କେନ ________ କ୍ରିୟତେ ।

(ଘ) ମୟା ________ ଉକ୍ତଃ । (ଝ) ବାଳିକୟା ________ ନୀୟତେ ।

(ଙ) ରାଜ୍ଞା ________ ନିର୍ଦ୍ଦିଶ୍ୟତେ । (ଞ) ଲକ୍ଷ୍ମ୍ୟା ________ ସେବ୍ୟତେ ।

(କାର୍ଯ୍ୟମ୍, ଗ୍ରାମଃ, ଭଗବାନ୍, ଭୃତ୍ୟଃ, ପାଠଃ, କନ୍ୟା, ଜଗନ୍ନାଥଃ, ମାତା, ଜଳମ୍, ଶିକ୍ଷକଃ)

## କର୍ମକାରକ ଓ ଦ୍ୱିତୀୟା ବିଭକ୍ତି

୧। ଛାତ୍ରଃ ସଂସ୍କୃତଂ ପଠତି ।

ବାଳକଃ ଚିତ୍ରଂ ପଶ୍ୟତି ।

ତ୍ୱମ୍ ଓଦନଂ ଖାଦସି ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ତ୍ତା 'ଛାତ୍ରଃ', 'ଅହମ୍' ଓ 'ତ୍ୱମ୍'ର ମୁଖ୍ୟ ଲକ୍ଷ୍ୟ ଯଥାକ୍ରମେ 'ସଂସ୍କୃତମ୍', 'ଚିତ୍ରମ୍' ଓ 'ଓଦନମ୍' ଅଟେ । କର୍ତ୍ତାର ଯାହା ଈପ୍ସିତତମ, ତାହା କର୍ମ । ତେଣୁ ସଂସ୍କୃତ, ଚିତ୍ର ଓ ଓଦନ ପଦଗୁଡ଼ିକ 'କର୍ମପଦ' ଅଟନ୍ତି ।[୧] ବାକ୍ୟଗୁଡ଼ିକରେ କର୍ତ୍ତୃପଦ ଉକ୍ତ ବା ପ୍ରଧାନ ହୋଇଥିବାରୁ 'କର୍ମ' ଏଠାରେ ଅନୁକ୍ତ । ଅତଏବ ଅନୁକ୍ତ କର୍ମଠାରେ ଦ୍ୱିତୀୟା (ଅନୁକ୍ତେ କର୍ମଣି ଦ୍ୱିତୀୟା) ବିଭକ୍ତି ହୋଇଅଛି ।

୨। ହରିଃ ବୈକୁଣ୍ଠମ୍ ଅଧିଶେତେ ।

ଭୂପତିଃ ସିଂହାସନମ୍ ଅଧିତିଷ୍ଠତି ।

ଗୁରୁଃ ଆସନମ୍ ଅଧ୍ୟାସ୍ତେ ।

ଏଠାରେ 'ଅଧି' ଉପସର୍ଗ ଯୁକ୍ତ ଶୀ (ଶୀଙ୍), ସ୍ଥା, ଆସ୍ ଧାତୁର ପ୍ରୟୋଗରେ ଅଧିକରଣ ସ୍ଥାନରେ କର୍ମସଂଜ୍ଞା ପ୍ରାପ୍ତ ହୋଇ ବୈକୁଣ୍ଠ, ସିଂହାସନ ଓ ଆସନ ପଦରେ ଦ୍ୱିତୀୟା ବିଭକ୍ତି ହେଲା ।[୨]

୩। ମୁନୟଃ କୁଟୀରମ୍ ଉପବସନ୍ତି ।

ମୃଗାଃ ବନମ୍ ଅନୁବସନ୍ତି ।

---

୧. କର୍ତ୍ତୁଃ ଈପ୍ସିତତମଂ କର୍ମ- କର୍ତ୍ତାର ପ୍ରଧାନ ଲକ୍ଷ୍ୟକୁ କର୍ମ କୁହାଯାଏ ।

୨. ଅଧିଶୀଙ୍ସ୍ଥାସାଂ କର୍ମ

ବିହଙ୍ଗଃ ନୀଡ଼ମ୍ ଅଧିବସତି ।

କୃଷକଃ ଗ୍ରାମମ୍ ଆବସତି ।

'ବସ୍' ଧାତୁ ପୂର୍ବରେ 'ଉପ', 'ଅନୁ', 'ଅଧି' ଓ 'ଆ' ଉପସର୍ଗ ରହିଲେ ଅଧିକରଣ କାରକ କର୍ମସଂଜ୍ଞା ପ୍ରାପ୍ତ ହୁଏ[୩], ଏବଂ ସେଠାରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ହୁଏ । କିନ୍ତୁ 'ଉପବସତି'ର ଅର୍ଥ ଉପବାସ ବୁଝାଉଥିଲେ, ଆଧାର କର୍ମ ସଂଜ୍ଞା ପ୍ରାପ୍ତ ହୁଏ ନାହିଁ ଅର୍ଥାତ୍ ସପ୍ତମୀ ସ୍ଥାନରେ ଦ୍ୱିତୀୟା ବିଭକ୍ତି ହୁଏ ନାହିଁ ।

ଯଥା- ଦରିଦ୍ରାଃ ଗୃହେ ଉପବସନ୍ତି ।

ଶ୍ରମିକଃ କୁଟୀରେ ଉପବସତି ।

୪। ସାଧୁଃ ସନ୍ମାର୍ଗମ୍ ଅଭିନିବିଶତେ ।

ଅଭି ଓ ନି ଉପସର୍ଗ ପୂର୍ବକ 'ବିଶ୍' ଧାତୁର ଆଧାରରେ କର୍ମକାରକ ହୋଇଥାଏ । ସ୍ଥଳବିଶେଷରେ ଏହାର ବ୍ୟତିକ୍ରମ ମଧ ଦେଖାଯାଏ । ଯଥା : ବାଳକାନାଂ ପାଠେ ଅଭିନିବେଶଃ (ଆଗ୍ରହ) ଅସ୍ତି ।

୫। ହିରଣ୍ୟକଃ ନିର୍ଭୟଂ ସ୍ଥିତଃ ।

ଗଜଃ ଧୀରଂ ଚଳତି ।

ଦୀର୍ଘକର୍ଣ୍ଣଃ ସଭୟମ୍ ଆହ ।

ଶିଶୁଃ ସାଶ୍ଚର୍ଯ୍ୟଂ ପଶ୍ୟତି ।

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ 'ନିର୍ଭୟମ୍', 'ଧୀରମ୍' ଓ 'ସଭୟମ୍' ବାକ୍ୟର କ୍ରିୟାକୁ ବିଶେଷିତ କରୁଥିବାରୁ, ଏମାନଙ୍କୁ କ୍ରିୟା ବିଶେଷଣ କୁହାଯାଏ । କ୍ରିୟାବିଶେଷଣଗୁଡ଼ିକ ଦ୍ୱିତୀୟା ବିଭକ୍ତି ଓ କ୍ଲୀବଲିଙ୍ଗ ଏକବଚନ ହୁଅନ୍ତି । ଏହାକୁ 'କ୍ରିୟା ବିଶେଷଣେ ଦ୍ୱିତୀୟା' ବୋଲି କୁହାଯାଏ ।

୬। ଅହଂ ମାସଂ ବ୍ୟାକରଣଂ ପଠାମି ।

ରାମଚନ୍ଦ୍ରଃ ଚତୁର୍ଦ୍ଦଶବର୍ଷାଣି ବନେ ତିଷ୍ଠତି ସ୍ମ ।

ପର୍ବତଃ କ୍ରୋଶଂ ବର୍ତ୍ତତେ ।

ଅତ୍ୟନ୍ତ ସଂଯୋଗ (ବ୍ୟାପ୍ତି) ଅର୍ଥରେ କାଳବାଚକ 'ମାସ' ଓ 'ବର୍ଷ'ଠାରେ ଓ ମାର୍ଗବାଚକ 'କ୍ରୋଶ' ଶବ୍ଦରେ ଦ୍ୱିତୀୟା ବିଭକ୍ତି ହୋଇଛି । ଏହାକୁ 'ବ୍ୟାପ୍ତ୍ୟର୍ଥେ ଦ୍ୱିତୀୟା' କୁହାଯାଏ ।

୭। ମାନବାଃ ଦେବାନ୍ ଅନୁ ।

ଦୀନଂ ପ୍ରତି ଦୟାଂ କୁରୁ ।

ମାଳାକାରଃ ବୃକ୍ଷଂ ବୃକ୍ଷଂ ପ୍ରତି ସିଞ୍ଚତି / ପରି ସିଞ୍ଚତି / ଅନୁ ସିଞ୍ଚତି ।

ଏଠାରେ ଅନୁ, ପ୍ରତି, ପରି ପ୍ରଭୃତି କେତେକ ଉପସର୍ଗ ସ୍ୱତନ୍ତ୍ର ପଦରୂପେ ବ୍ୟବହୃତ ହୋଇ ଗୋଟିଏ ଗୋଟିଏ 'ସ୍ୱତନ୍ତ୍ର' ଅର୍ଥକୁ ପ୍ରକାଶ କରୁଛନ୍ତି । ଏମାନଙ୍କୁ 'କର୍ମପ୍ରବଚନୀୟ' କୁହାଯାଏ । ସେହି କର୍ମପ୍ରବଚନୀୟ ଯୋଗେ 'ଦେବାନ୍', 'ଦୀନଂ', 'ବୃକ୍ଷଂ' ହରିମ୍ ପ୍ରଭୃତି ଦ୍ୱିତୀୟା ବିଭକ୍ତି ହୋଇଅଛି ।

| | |
|---|---|
| ୮। ଗୋପାଳଃ ଗାଂ ପୟଃ ଦୋଗ୍ଧି । | ପୟଃ- ମୁଖ୍ୟକର୍ମ, ଗାମ୍ - ଗୌଣକର୍ମ । |
| କୃଷକଃ ଅଜାଂ ଗ୍ରାମଂ ନୟତି । | ଅଜାମ୍ - ମୁଖ୍ୟକର୍ମ, ଗ୍ରାମମ୍ - ଗୌଣକର୍ମ । |
| ବିଚାରପତିଃ ଚୌରଂ ଶତଂ ଦଣ୍ଡୟତି । | ଚୌରମ୍ - ମୁଖ୍ୟକର୍ମ, ଶତମ୍ - ଗୌଣକର୍ମ । |

୩. ଉପାନ୍ୱଧ୍ୟାଙ୍ ବସଃ

ଦୁହ୍, ନୀ ଓ ଦଣ୍ଡ ପ୍ରଭୃତି ଧାତୁଗୁଡ଼ିକ ଦ୍ୱିକର୍ମକ ଅଟନ୍ତି । ଏପରି ଧାତୁମାନଙ୍କର ପ୍ରୟୋଗରେ ଗୌଣ କର୍ମଠାରେ ଅନ୍ୟ କାରକ ସ୍ଥାନରେ କର୍ମସଂଜ୍ଞା ପ୍ରାପ୍ତ ହୋଇଥାଏ । ଏହାକୁ 'ଅକଥିତଂ ଚ' ସୂତ୍ରରେ କର୍ମ କୁହାଯାଏ । 'ଗୋଃ' ସ୍ଥାନରେ 'ଗାମ୍', 'ଗ୍ରାମେ' ସ୍ଥାନରେ 'ଗ୍ରାମମ୍', 'ଶତେନ' ସ୍ଥାନରେ 'ଶତମ୍' ହୋଇଛି ।

> ସଂସ୍କୃତବ୍ୟାକରଣରେ ସାଧାରଣତଃ ୧୬ଗୋଟି ଦ୍ୱିକର୍ମକ ଧାତୁର ବ୍ୟବହାର ଦେଖାଯାଏ । ଯଥା : ଦୁହ୍, ଯାଚ୍, ପଚ୍, ଦଣ୍ଡ୍, ରୁଧ୍, ପ୍ରଚ୍ଛ୍, ଚି, ବ୍ରୂ, ଶାସ୍, ଜି, ମଥ୍, ମୁଷ୍, ନୀ, ହୃ, କୃଷ୍ ଓ ବହ୍ । ଏହି ଧାତୁଗୁଡ଼ିକ ଯୋଗରେ ଓ ତଦର୍ଥକ ଧାତୁରେ ମଧ୍ୟ ଅକଥିତ ଗୌଣ କର୍ମର ପ୍ରୟୋଗ ଦେଖାଯାଏ ।

ଯଥା : ବଳିଂ ଭିକ୍ଷତେ ବସୁଧାମ୍ ।

ଭିକ୍ଷୁକଃ ଗୃହିଣୀମ୍ ଅନ୍ନଂ ପ୍ରାର୍ଥୟତେ ।

ଏଠାରେ 'ଯାଚ୍' ଅର୍ଥରେ ଭିକ୍ଷ୍ ଓ ପ୍ରାର୍ଥ୍ ଧାତୁର ପ୍ରୟୋଗ ହୋଇଛି ।

**୯। ନିମ୍ନଲିଖିତ ପଦଗୁଡ଼ିକ ଯୋଗରେ ଦ୍ୱିତୀୟା ବିଭକ୍ତି ହୁଏ ।**

ସର୍ବତଃ- (ସବୁଆଡ଼େ)- ଦେଶଂ ସର୍ବତଃ 'ସର୍ବଶିକ୍ଷା-ଅଭିଯାନଂ' ପ୍ରଚଳତି ।

ପରିତଃ- (ଚାରିପାଖରେ)- ବିଦ୍ୟାଳୟଂ ପରିତଃ ପ୍ରାଚୀରଂ ଶୋଭତେ ।

ଅଭିତଃ- (ଆଗରେ)- ମାତରମ୍ ଅଭିତଃ ଶିଶୁଃ କ୍ରୀଡ଼ତି ।

ଉଭୟତଃ- (ଉଭୟ ପାର୍ଶ୍ୱରେ)- ନଦୀମ୍ ଉଭୟତଃ ବୃକ୍ଷାଃ ସନ୍ତି ।

ଉପର୍ଯୁପରି- (ଉପରକୁ ଉପର)- ବାୟୁମଣ୍ଡଳମ୍ ଉପର୍ଯ୍ୟୁପରି ସ୍ତରଭେଦଃ ।

ଅଧ୍ୟଧି- (ଉପରକୁ ଉପର)- ବୃକ୍ଷମ୍ ଅଧ୍ୟଧି ଶାଖାଃ ସନ୍ତି ।

ଅଧୋଽଧଃ- (ତଳକୁ ତଳ)- ଅଧୋଽଧଃ ଲୋକଂ ପାତାଳଃ ।

ଅନ୍ତରା- (ମଧ୍ୟରେ)- ଜଗନ୍ନାଥଂ ବଳଭଦ୍ରଂ ଚ ଅନ୍ତରା ସୁଭଦ୍ରା ବିରାଜତେ ।

ଅନ୍ତରେଣ- (ବିନା)- ଜଳଂ ବିନା ଜୀବନମ୍ ଅସମ୍ଭବମ୍ ।

ଧିକ୍- (ଧିକ୍‌କାର)- ଚୌରଂ ଧିକ୍ ।

ଯାବତ୍- (ପର୍ଯ୍ୟନ୍ତ)- ନଦୀଂ ଯାବତ୍ ଗଚ୍ଛ ।

ବିନା- (ବ୍ୟତୀତ)- ପରିଶ୍ରମଂ ବିନା ବିଦ୍ୟା ନ ଭବତି । (ବିନା ଯୋଗେ ୩ୟା / ୫ମୀ ମଧ୍ୟ ହୁଏ)

ଋତେ- (ବ୍ୟତୀତ)- ଧର୍ମମ୍ ଋତେ ସୁଖଂ ନାସ୍ତି । (ଋତେ ଯୋଗେ ୫ମୀ ମଧ୍ୟ ହୁଏ)

ସମୟା/ ନିକଷା- (ନିକଟରେ)-'ଗ୍ରାମଂ ସମୟା/ନିକଷା ନଦୀ ପ୍ରବହତି ।

ହା- (ଦୁଃଖସୂଚକ)- ହା ନାସ୍ତିକମ୍/ ହା- ମନ୍ଦଭାଗ୍ୟମ୍ ।

ଦକ୍ଷିଣେନ- (ଦକ୍ଷିଣରେ)- ଅସ୍ମାକଂ ବିଦ୍ୟାଳୟଃ ରାଜମାର୍ଗଂ ଦକ୍ଷିଣେନ ଅସ୍ତି ।

ଉତ୍ତରେଣ- (ଉତ୍ତରରେ)- ତବ ଗୃହଂ ବିଦ୍ୟାଳୟମ୍ ଉତ୍ତରେଣ ଅସ୍ତି ।

**ବି.ଦ୍ର. :** ଅବ୍ୟୟାଦି ପଦ ଯୋଗରେ ଯେଉଁ ବିଭକ୍ତି ହୁଏ ତାହାକୁ 'ଉପପଦ ବିଭକ୍ତି' କୁହାଯାଏ ।

## ମନେରଖ :

- କର୍ତ୍ତାର କ୍ରିୟାଦ୍ୱାରା ଯାହା ଅତ୍ୟନ୍ତ ଈପ୍‌ସିତ ତାହା କର୍ମକାରକ ଓ ଏହା ଦ୍ୱିତୀୟା ବିଭକ୍ତ୍ୟନ୍ତ ହୋଇଥାଏ ।
- ବସ୍ ଧାତୁ ପୂର୍ବରେ ଉପ, ଅନୁ, ଅଧି ଓ ଆ ଉପସର୍ଗ ରହିଲେ, ଆଧାରର କର୍ମସଂଜ୍ଞା ହୁଏ ।
- କ୍ରିୟାର ବିଶେଷଣଠାରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ ତାହା କ୍ଳୀବଲିଙ୍ଗ ଏକବଚନରେ ପ୍ରୟୋଗ ହୁଏ ।
- ଉଭୟତଃ, ପରିତଃ, ସମୟା, ନିକଷା, ହା, ପ୍ରତି, ଧିକ୍ ପ୍ରଭୃତି କେତେକ ଅବ୍ୟୟପଦ ଯୋଗେ ଦ୍ୱିତୀୟା ବିଭକ୍ତି ହୋଇଥାଏ ।
- ବିନା ଯୋଗେ ଦ୍ୱିତୀୟା, ତୃତୀୟା ଓ ପଞ୍ଚମୀ ବିଭକ୍ତି ହୁଏ ।

### ଅଭ୍ୟାସଃ

୧। ବନ୍ଧନୀମଧ୍ୟାତ୍ ଯଥାର୍ଥ-କର୍ମପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।

ଯଥା : ବାଳକଃ ବିଦ୍ୟାଳୟଂ ଗଚ୍ଛତି ।

(କ) କୃଷକଃ __________ ନୟତି ।

(ଖ) ପଥିକଃ __________ ପିବତି ।

(ଗ) ଛାତ୍ରଃ __________ ସେବତେ ।

(ଘ) ଭକ୍ତାଃ __________ ପୂଜୟନ୍ତି ।

(ଙ) ଧନିକଃ __________ ଦଦାତି ।

(ଗୁରୁମ୍, ଅଜାମ୍, ଜଳମ୍, ଧନମ୍, ଈଶ୍ୱରମ୍)

୨। ବନ୍ଧନୀସ୍ଥିତାନାଂ ଶବ୍ଦାନାଂ ଯଥାର୍ଥ-ବିଭକ୍ତୌ ପ୍ରୟୋଗଂ କୁରୁତ ।

ଯଥା : ସଃ ବର୍ଷଂ ସଂସ୍କୃତଂ ପଠିଷ୍ୟତି (ବର୍ଷ) ।

(କ) __________ ଅନୁ ବତ୍ସା ଧାବତି । (ଗୋ)

(ଖ) ଅହଂ __________ ନମାମି । (ଗୁରୁ)

(ଗ) ସଃ __________ ପିବତି । (ମଧୁ)

(ଘ) ଭକ୍ତଃ __________ ଭଜତି । (ହରି)

(ଙ) ବ୍ରାହ୍ମଣଃ __________ ପୂଜୟତି । (ଦେବ)

(ଚ) ଅଶ୍ୱଃ __________ ଧାବତି । (ଶୀଘ୍ର)

(ଛ) ଛାତ୍ରାଃ __________ ପଠେୟୁଃ । (ପାଠ)

(ଜ) ତ୍ୱଂ __________ ଗଚ୍ଛସି । (ପାଠଶାଳା)

୩। ବାକ୍ୟାନି ସଂଶୋଧୟତ ।

ଯଥା : ଦୀନସ୍ୟ ପ୍ରତି ଦୟା କର୍ତ୍ତବ୍ୟା- ଦୀନଂ ପ୍ରତି ଦୟା କର୍ତ୍ତବ୍ୟା ।

(କ) ରାମଃ ଅଯୋଧ୍ୟାୟାମ୍ ଅଧ୍ୟାସ୍ତେ ।

(ଖ) ପକ୍ଷିଣଃ ମଧୁରେଣ କୂଜନ୍ତି ।

(ଗ) ପ୍ରାକ୍ ଭରତେନ ଇତି ରାଜା ଆସୀତ୍ ।

(ଘ) ମମ ପ୍ରତି ଦୟାଂ କୁରୁ ।

(ଙ) ଗ୍ରାମାତ୍ ଅଭିତଃ ଗାବଃ ଚରନ୍ତି ।

(ଚ) ମନ୍ତ୍ରିଣଃ ଦିଲ୍ଲ୍ୟାମ୍ ଉପବସନ୍ତି ।

(ଛ) ମାନବାଃ ଦେବାନାମ୍ ଅନୁ ।

(ଜ) ମୂଷିକାଃ ଗର୍ତ୍ତେ ଅଧିବସନ୍ତି ।

୪। **ଅଧୋଲିଖିତାନି ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ ।**

ଯଥା : ଅଭିତଃ- ମାତରମ୍ ଅଭିତଃ ଶିଶୁଃ କ୍ରୀଡ଼ତି ।

ପ୍ରତି - | ଦିବସମ୍ -

ଶୀଘ୍ରମ୍ - | ଧିକ୍ -

ହା - | ସମୟା -

ଅନ୍ତରା - | ଉଭୟତଃ-

ଅଭିନିବିଶେତେ- | ଉପବସତି -

୫। **ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) କେତେବର୍ଷ ହେଲା ତୁମେ ଖବରକାଗଜ ପଢୁଛ ?

(ଖ) ମୁଁ ଏଠାରେ ଦିନଟିଏ ରହିବି ।

(ଗ) ରାସ୍ତାର ଉଭୟ ପାର୍ଶ୍ୱରେ ଗଛଗୁଡ଼ିକ ଅଛି ।

(ଘ) ଧନ ବିନା କିଏ ସୁଖୀ ହେବ ।

(ଙ) ମୃତ୍ୟୁ ପର୍ଯ୍ୟନ୍ତ ପରିଶ୍ରମ କରିବା ଉଚିତ ।

(ଚ) ଦେଶର ସବୁଆଡ଼େ ପ୍ରଗତି ହେଉଛି ।

(ଛ) ଆଜିକାଲି ପିଲାଙ୍କର ପାଠରେ ଆଗ୍ରହ ନାହିଁ ।

୬। **ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ନିରୂପୟତ ।**

ଯଥା : ବିଦ୍ୟାଂ ବିନା ଜୀବନଂ ବୃଥା । ଉତ୍ତର : ବିନା ଯୋଗେ ଦ୍ୱିତୀୟା ।

(କ) ଶିଶୁଃ ମାତରମ୍ ଅନୁ ଧାବତି । ଉ. ________ ।

(ଖ) ହସ୍ତୌ ପ୍ରକ୍ଷାଲ୍ୟ ଭୋଜନଂ କୁରୁତ । ଉ. ________ ।

(ଗ) ସଦ୍‌ଭିଃ କୁର୍ବୀତ ସଙ୍ଗତିମ୍ । ଉ. ________ ।

(ଘ) ତବ ଗୃହଂ ପ୍ରତି ମାର୍ଗଂ ଦର୍ଶୟ । ଉ. ________ ।

(ଙ) ଧିକ୍ ତଂ ମିଥ୍ୟାବାଦିନମ୍ । ଉ. ________ ।

୭। **ବନ୍ଧନୀମଧ୍ୟସ୍ଥଶବ୍ଦାନାମ୍ ଉପଯୁକ୍ତବିଭକ୍ତିପ୍ରୟୋଗଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :

ଶିକ୍ଷକଃ : ତ୍ୱଂ କିଂ ପଠସି ?

ଛାତ୍ରଃ : ଅହଂ ସାହିତ୍ୟଂ ପଠାମି । (ସାହିତ୍ୟ)

(କ) ଶିକ୍ଷକଃ : ହ୍ୟଃ ତ୍ୱଂ କୁତ୍ର ଅଗଚ୍ଛଃ ?

ଛାତ୍ରଃ : ହ୍ୟଃ ଅହଂ ______ ଅଗଚ୍ଛମ୍ । (ମାତୁଳାଳୟ)

(ଖ) ଶିକ୍ଷକଃ : ତତ୍ର ତ୍ୱଂ କମ୍ ଅପଶ୍ୟଃ ?

ଛାତ୍ରଃ : ତତ୍ର ଅହଂ ______ ଅପଶ୍ୟମ୍ ? (ସମୁଦ୍ର)

(ଗ) ଶିକ୍ଷକଃ : ଶ୍ୱଃ ବିଦ୍ୟାଳୟସ୍ୟ ଅବକାଶ-ଦିବସଃ ।

ଛାତ୍ରଃ : ଅହଂ ______ ନାଗମିଷ୍ୟାମି । (ବିଦ୍ୟାଳୟ)

(ଘ) ଶିକ୍ଷକଃ : ଗୃହେ ତ୍ୱଂ କିଂ କରିଷ୍ୟସି ?

ଛାତ୍ରଃ : ଅହଂ ଗୃହେ ______ ପଠିଷ୍ୟାମି । (ପାଠ)

# କରଣକାରକ ଓ ତୃତୀୟା ବିଭକ୍ତି

୧। (କ) ଛାତ୍ରଃ ଯାନେନ ବିଦ୍ୟାଳୟଂ ଗଚ୍ଛତି ।

(ଖ) ବ୍ୟାଧଃ ଶରେଣ ମୃଗଂ ହନ୍ତି ।

(ଗ) ବାଳକଃ ହସ୍ତେନ ଖାଦତି ।

(ଘ) ଅହଂ କଲମେନ ଲିଖାମି ।

(ଙ) ତ୍ୱଂ ପାଦାଭ୍ୟାଂ ଗୃହଂ ଗଚ୍ଛସି ।

ଏଠାରେ କର୍ତ୍ତା 'ଛାତ୍ର'ର 'ଗମନ' କ୍ରିୟା ସାଧନରେ 'ଯାନ' ପ୍ରଧାନ ସହାୟକ ଅଟେ । ସେହିପରି କର୍ତ୍ତା 'ବ୍ୟାଧ'ର 'ମାରଣ' କ୍ରିୟା ସମ୍ପାଦନରେ 'ଶର', ପ୍ରଧାନ ସହାୟକ, ବାଳକର ଭୋଜନ କ୍ରିୟାରେ ହସ୍ତ, 'ଅହମ୍'ର ଲେଖନ କ୍ରିୟାରେ କଲମ ଓ 'ତ୍ୱମ୍'ର ଗମନକ୍ରିୟା ସଂପାଦନରେ 'ପାଦ' ପ୍ରଧାନ ସହାୟକ ଅଟେ । ଅତଏବ ଯାନ, ଶର, ହସ୍ତ, କଲମ ଓ ପାଦ ଏମାନେ ପ୍ରତ୍ୟେକ 'କରଣ କାରକ' ଅଟନ୍ତି । କାରଣ କ୍ରିୟା ସାଧନରେ କର୍ତ୍ତାର ପ୍ରଧାନ ସହାୟକକୁ 'କରଣ' କୁହାଯାଏ ।[୧] କରଣ କାରକରେ ତୃତୀୟା ବିଭକ୍ତି ହୋଇଥାଏ ।[୨]

୨। (କ) ବାଳକେନ ଗ୍ରନ୍ଥଃ ପଠ୍ୟତେ ।

(ଖ) ରାମେଣ ବିଦ୍ୟାଳୟଃ ଗମ୍ୟତେ ।

(ଗ) ତ୍ୱୟା ଲିଖ୍ୟତେ ।

(ଘ) ମୟା କଥ୍ୟତେ ।

ଯେଉଁ ବାକ୍ୟରେ କର୍ମ ମୁଖ୍ୟ ତାକୁ 'କର୍ମବାଚ୍ୟ' ଓ ଯେଉଁ ବାକ୍ୟରେ କ୍ରିୟା ମୁଖ୍ୟ ତାକୁ 'ଭାବବାଚ୍ୟ' କୁହାଯାଏ । ଏହି ଦୁଇପ୍ରକାର ବାକ୍ୟରେ 'କର୍ତ୍ତା' ଅପ୍ରଧାନ ବା ଅନୁକ୍ତ ଅଟେ । ଏହି ଅନୁକ୍ତ କର୍ତ୍ତାଠାରେ ତୃତୀୟା ବିଭକ୍ତି ହୋଇଥାଏ । ଏହାକୁ 'ଅନୁକ୍ତେ କର୍ତ୍ତରି ତୃତୀୟା' କହନ୍ତି । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ ବାଳକେନ, ରାମେଣ, ତ୍ୱୟା ଓ ମୟା ଅନୁକ୍ତ କର୍ତ୍ତା ହୋଇ ତୃତୀୟ ବିଭକ୍ତିରେ ରହିଛନ୍ତି ।

୩। (କ) ଗବାଂ ପୟଃ ପ୍ରକୃତ୍ୟା ମଧୁରମ୍ ।

(ଖ) ରାମଃ ସ୍ୱଭାବେନ ସରଳଃ ।

(ଗ) ପବନଃ ବେଗେନ ବହତି ।

(ଘ) ଦରିଦ୍ରଃ ଦୁଃଖେନ କାଳଂ ଯାପୟତି ।

ପ୍ରକୃତି, ସ୍ୱଭାବ, ବେଗ ଓ ଦୁଃଖ ପ୍ରଭୃତି ଶବ୍ଦ 'ପ୍ରକୃତି' ଗଣରେ ଆସୁଥିବାରୁ ଏହିଶବ୍ଦଗୁଡ଼ିକର ତୃତୀୟାନ୍ତ ହୋଇ ପ୍ରୟୋଗ ହୁଏ । ଏହାକୁ 'ପ୍ରକୃତ୍ୟାଦିଭ୍ୟଃ ତୃତୀୟା' ବୋଲି କୁହାଯାଏ । ଏହି ପ୍ରକୃତିଗଣରେ ଆସୁଥିବା ଅନ୍ୟଶବ୍ଦଗୁଡ଼ିକ ଯଥା- ପ୍ରାୟ, ଗୋତ୍ର, ଜାତି, ନାମ, ସମ, ବିଷମ, ଆକୃତି, ଅବଲୀଳା ପ୍ରଭୃତି ତୃତୀୟା ବିଭକ୍ତ୍ୟନ୍ତ ହୋଇ ବ୍ୟବହୃତ ହୁଅନ୍ତି ।

୪। (କ) ଜଟାଭିଃ ତାପସଃ ।

(ଖ) ଉପବୀତେନ ବ୍ରାହ୍ମଣଃ ।

(ଗ) ଧ୍ୱଜେନ ଦେବାଳୟଃ ।

---

୧. ସାଧକତମଂ କରଣମ୍- କ୍ରିୟାସାଧନରେ କର୍ତ୍ତାର ପ୍ରଧାନ ସହାୟକ 'କରଣ କାରକ' ଅଟେ ।

୨. କରଣେ ତୃତୀୟା ।

ଯେଉଁ ଲକ୍ଷଣ ବା ଚିହ୍ନଦ୍ୱାରା କୌଣସି ବ୍ୟକ୍ତି ବା ବସ୍ତୁ ଚିହ୍ନିତ ହୁଏ, ସେହି ଚିହ୍ନବାଚକ ଶବ୍ଦରେ ତୃତୀୟା ବିଭକ୍ତି ହୁଏ । ଏଠାରେ 'ଜଟା' ଦ୍ୱାରା ତାପସ, ଉପବୀତ ଦ୍ୱାରା ବ୍ରାହ୍ମଣ ଓ ଧ୍ୱଜ ଦ୍ୱାରା ଦେବାଳୟ ଚିହ୍ନିତ ହୋଇଅଛି । ତେଣୁ ଜଟା, ଉପବୀତ ଓ ଧ୍ୱଜ ଶବ୍ଦର ତୃତୀୟା ବିଭକ୍ତି ବିଧାନ ହେଲା । ଏହାକୁ 'ଉପଲକ୍ଷଣେ ତୃତୀୟା' ବୋଲି କୁହାଯାଏ ।

୫ । (କ) ଚକ୍ଷୁଷା କାଣଃ ।

(ଖ) କର୍ଣ୍ଣାଭ୍ୟାଂ ବଧିରଃ ।

(ଗ) ପାଦେନ ଖଞ୍ଜଃ ।

ବିକୃତ ଅଙ୍ଗବାଚକ ଶବ୍ଦର ତୃତୀୟା ବିଭକ୍ତି ହୁଏ । ଉପର ଉଦାହରଣ ଗୁଡ଼ିକରେ ଚକ୍ଷୁ, କର୍ଣ୍ଣ ଓ ପାଦ ବିକୃତ ଅଙ୍ଗ ହୋଇଥିବାରୁ, ସେହି ସେହି ଶବ୍ଦରେ ତୃତୀୟା ବିଭକ୍ତି ହେଲା । ଏହାକୁ 'ଅଙ୍ଗବିକାରେ ତୃତୀୟା' ବୋଲି କୁହାଯାଏ ।

୬ । (କ) ବୃଦ୍ଧଃ ଶୀତେନ କମ୍ପତେ ।

(ଖ) ଅୟଂ ଶୋକେନ କ୍ରନ୍ଦତି ।

(ଗ) ଅଧ୍ୟୟନେନ ସଃ କଟକେ ତିଷ୍ଠତି ।

ହେତୁ ବା କାରଣ ବୋଧକ ଶବ୍ଦରେ ତୃତୀୟା ବିଭକ୍ତି ହୁଏ । ଉପର ଉଦାହରଣ ଗୁଡ଼ିକରେ 'କମ୍ପନ' କ୍ରିୟାର କାରଣ 'ଶୀତ', କ୍ରନ୍ଦନ କ୍ରିୟାର କାରଣ 'ଶୋକ' ଓ ରହିବା କ୍ରିୟାର କାରଣ 'ଅଧ୍ୟୟନ' ହୋଇଥିବାରୁ ଏଠାରେ ତୃତୀୟା ବିଭକ୍ତି ହେଲା । ଏହାକୁ ହେତୌ ତୃତୀୟା କହନ୍ତି । ହେତୁ ବା କାରଣବୋଧକଶବ୍ଦ ପୁଂଲିଙ୍ଗ ବା କ୍ଳୀବଲିଙ୍ଗ ହୋଇଥିଲେ, ତା'ଠାରେ ପଞ୍ଚମୀ ବିଭକ୍ତି ମଧ୍ୟ ହୋଇଥାଏ । ଯଥା– 'ବୃଦ୍ଧଃ ଶୀତାତ୍ କମ୍ପତେ'– ଏପରି ମଧ୍ୟ ହୁଏ । ଏହାକୁ ହେତୌ ପଞ୍ଚମୀ କହନ୍ତି । କିନ୍ତୁ ହେତୁବୋଧକଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥିଲେ, କେବଳ ତୃତୀୟା ବିଭକ୍ତି ହୁଏ; ପଞ୍ଚମୀ ହୁଏ ନାହିଁ । ଯଥା :

(ଘ) ସଃ ବୁଦ୍ଧ୍ୟା ମୁକ୍ତଃ ।

(ଙ) ବିଦ୍ୟୟା ବର୍ଦ୍ଧତେ ବୁଦ୍ଧିଃ ।

୭ । (କ) ସପ୍ତଭିଃ ଦିବସୈଃ ନୀରୋଗଃ ଜାତଃ ।

(ଖ) ସଃ ମାସେନ ବ୍ୟାକରଣମ୍ ଅପଠତ୍ ।

(ଗ) ବର୍ଷେଣ ଗୃହଂ ନିର୍ମିତଂ ଭବେତ୍ ।

ଅପବର୍ଗ ବା ଫଳପ୍ରାପ୍ତି ବୁଝାଇଲେ କାଳବାଚକ ଶବ୍ଦରେ ବ୍ୟାପ୍ତ୍ୟର୍ଥେ ଦ୍ୱିତୀୟା ନ ହୋଇ 'ଅପବର୍ଗେ ତୃତୀୟା ବିଭକ୍ତି' ବିଧାନ କରାଯାଏ । ଉପର ଲିଖିତ ଉଦାହରଣ ଗୁଡ଼ିକରେ ସପ୍ତଦିବସ, ମାସ ଓ ବର୍ଷ ଶବ୍ଦରେ ତୃତୀୟା ବିଭକ୍ତିର ପ୍ରୟୋଗ ହୋଇଛି । କାରଣ ସାତ ଦିନରେ ନୀରୋଗ ହେବା, ମାସକରେ ବ୍ୟାକରଣ ପଢ଼ିସାରିବା ଓ ବର୍ଷକରେ ଗୃହନିର୍ମାଣ ହେବା ସୂଚିତ ହେଉଥିବାରୁ ଏହା ଫଳପ୍ରାପ୍ତି ବା କାର୍ଯ୍ୟସିଦ୍ଧିକୁ ବୁଝାଉଅଛି ।

୮ । (କ) ଅନେନ ମାର୍ଗେଣ ଗଚ୍ଛତୁ ।

(ଖ) ଚୌରଃ ଅନୟା ଦିଶା ଗତବାନ୍ ।

(ଗ) ପଞ୍ଚଭିଃ ମୁଦ୍ରାଭିଃ ଅହଂ କଲମଂ କ୍ରୀତବାନ୍ ।

ମାର୍ଗବାଚକ, ଦିଗବାଚକ ଓ ମୂଲ୍ୟବାଚକ ଶବ୍ଦରେ ତୃତୀୟା ବିଭକ୍ତି ହୋଇଥାଏ । ଉପର ବାକ୍ୟଗୁଡ଼ିକରେ ମାର୍ଗେଣ, ଅନୟା ଦିଶା ଓ ପଞ୍ଚଭିଃ ମୁଦ୍ରାଭିଃ ଇତ୍ୟାଦି ଶବ୍ଦଗୁଡ଼ିକ ମାର୍ଗ, ଦିଗ ଓ ମୂଲ୍ୟ ଅର୍ଥକୁ ବୁଝାଉଥିବାରୁ ଏଠାରେ ତୃତୀୟା ବିଭକ୍ତି ପ୍ରୟୋଗ ହୋଇଛି ।

୯। (କ) ପିତ୍ରା ସହ ପୁତ୍ରଃ ଆପଣଂ ଗଚ୍ଛତି ।

(ଖ) ମୟା ସାର୍ଦ୍ଧଂ ତ୍ୱମ୍ ଆଗଚ୍ଛ ।

(ଗ) କେନାପି ସାକଂ କଳହଂ ମା କୁରୁ ।

(ଘ) ରାମେଣ ସମଂ ସୀତା ବନମ୍ ଅଗଚ୍ଛତ୍ ।

ଉପରେ ପ୍ରଦତ୍ତ ଉଦାହରଣ ଗୁଡ଼ିକରେ ସହାର୍ଥକ ସହ, ସାର୍ଦ୍ଧମ୍, ସାକମ୍ ଓ ସମମ୍ ଶବ୍ଦ ପ୍ରୟୋଗରେ ଯାହା ସହିତ ବୁଝାଉଛି ତା'ଠାରେ ତୃତୀୟା ବିଭକ୍ତି ହୋଇଅଛି । ଏହାକୁ 'ସହଯୁକ୍ତେ ଅପ୍ରଧାନେ ତୃତୀୟା' ବୋଲି କୁହାଯାଏ । ବେଳେ ବେଳେ 'ସହ' ପ୍ରଭୃତି ଶବ୍ଦ ବାକ୍ୟରେ ପ୍ରୟୋଗ ନହୋଇ ମଧ୍ୟ, ସହ ଅର୍ଥକୁ ବୁଝାଇଥାଏ । ଏପରି ସ୍ଥଳେ ମଧ୍ୟ ତୃତୀୟା ବିଭକ୍ତିର ପ୍ରୟୋଗ ହୁଏ । ଯଥା-

(ଙ) ପିତା ପୁତ୍ରେଣ ଗଚ୍ଛତି ।

(ଚ) ମାତ୍ରା ଗଚ୍ଛତି ଶିଶୁଃ ।

ଏହାକୁ ସାଧାରଣତଃ 'ସହାର୍ଥେ ତୃତୀୟା' କୁହାଯାଏ ।

୧୦। (କ) ଗ୍ରୀଷ୍ମକାଳେ ଜଳାଶୟାଃ ଜଳେନ ଶୂନ୍ୟାଃ ଭବନ୍ତି ।

(ଖ) କଲହେନ ଅଲମ୍ ।

(ଗ) ମମ ବିଦ୍ୟୟା ପ୍ରୟୋଜନମ୍ ।

ଉନାର୍ଥକ ଶବ୍ଦ ଉନଃ (ଊଣା), ହୀନଃ, ଶୂନ୍ୟଃ ଓ ରହିତଃ ଶବ୍ଦଯୋଗେ, ବାରଣାର୍ଥକ (ନିଷେଧ) ଅଲମ୍, କୃତମ୍ ଓ କିମ୍ ଶବ୍ଦଯୋଗେ ଏବଂ ପ୍ରୟୋଜନାର୍ଥକ (ଆବଶ୍ୟକ) ପ୍ରୟୋଜନମ୍, ଅର୍ଥଃ, ଲାଭଃ ଓ କିମ୍ ଶବ୍ଦଯୋଗେ ତୃତୀୟା ବିଭକ୍ତି ହୋଇଥାଏ । ତେଣୁ ଉପର ପ୍ରଦତ୍ତ ଉଦାହରଣ ଗୁଡ଼ିକରେ **ଜଳେନ ଉନାର୍ଥେ ତୃତୀୟା, କଲହେନ ବାରଣାର୍ଥେ ଓ ବିଦ୍ୟୟା ପ୍ରୟୋଜନାର୍ଥେ** ତୃତୀୟା ବିଭକ୍ତି ହୋଇଅଛି ।

୧୧। (କ) ରାମେଣ ସଦୃଶଃ ରାଜା ନାସ୍ତି ।

(ଖ) ଜ୍ୟେଷ୍ଠଭ୍ରାତା ପିତ୍ରା ସମଃ ।

(ଗ) ମୟା ତୁଲ୍ୟଃ କୋଽପି ନାସ୍ତି ।

(ଘ) ଅର୍ଜୁନେନ ସମାନଃ ବୀରଃ ନାସ୍ତି ।

ତୁଲ୍ୟାର୍ଥକ ସଦୃଶଃ, ସମଃ, ତୁଲ୍ୟଃ ଓ ସମାନଃ ଶବ୍ଦଯୋଗେ ଯାହା ସହିତ ତୁଲ୍ୟ ତା'ଠାରେ ତୃତୀୟା ଓ ଷଷ୍ଠୀ ବିଭକ୍ତି ବିଧାନ କରାଯାଏ । ଏଠାରେ ସଦୃଶଃ ଶବ୍ଦଯୋଗେ ରାମେଣ, ସମଃ ଶବ୍ଦଯୋଗେ ପିତ୍ରା, ତୁଲ୍ୟଃ ଶବ୍ଦଯୋଗେ ମୟା ଓ ସମାନଃ ଶବ୍ଦଯୋଗେ ଅର୍ଜୁନେନ ତୃତୀୟା ବିଭକ୍ତ୍ୟନ୍ତ ହୋଇଅଛି ।

**୧୨। ନିମ୍ନଲିଖିତ ପଦଗୁଡ଼ିକ ଯୋଗରେ ତୃତୀୟା ବିଭକ୍ତି ହୁଏ ।**

ନାନା- (ବିନା)- ଧର୍ମେଣ ନାନା ସୁଖଂ ନ ଲଭ୍ୟତେ ।

ପୃଥକ୍- (ଅଲଗା)- ଜଳେନ ପୃଥକ୍ ମତ୍ସ୍ୟଃ ନ ଜୀବତି ।

ବିନା- (ବ୍ୟତୀତ)- ଶ୍ରମେଣ ବିନା ବିଦ୍ୟା ନ ଭବତି ।

ପୂର୍ବଃ- (ବଡ଼)- ସଃ ମତ୍ ବର୍ଷେଣ ପୂର୍ବଃ ।

ଅବରଃ- (ସାନ)- ତ୍ୱଂ ରାମାତ୍ ମାସେନ ଅବରଃ ।

**ମନେରଖ :**

- କ୍ରିୟା ସାଧନରେ କର୍ତ୍ତାର ଯିଏ ପ୍ରଧାନ ସହାୟକ, ତାକୁ କରଣକାରକ କୁହାଯାଏ ଏବଂ ସେଠାରେ ତୃତୀୟା ବିଭକ୍ତି ହୁଏ ।
- ଅଙ୍ଗ ବିକାର ବୁଝାଇଲେ ବିକୃତ ଅଙ୍ଗବାଚକ ଶବ୍ଦରେ ତୃତୀୟା ହୁଏ ।
- ଫଳପ୍ରାପ୍ତି ବୁଝାଇଲେ ସମୟ ବାଚକ ଶବ୍ଦ ତୃତୀୟା ବିଭକ୍ତ୍ୟନ୍ତ ହୋଇଥାଏ ।
- 'ଉପଲକ୍ଷଣ' - ଚିହ୍ନ ବୁଝାଇଲେ, ଚିହ୍ନବାଚକ ଶବ୍ଦଠାରେ ତୃତୀୟା ହୁଏ ।
- ନିଷେଧାର୍ଥକ 'ଅଲମ୍' ଯୋଗେ ତୃତୀୟା ବିଭକ୍ତି ହୋଇଥାଏ ।
- ସାକମ୍, ସାର୍ଦ୍ଧମ୍, ସମମ୍ ଓ ସହ ଶବ୍ଦଯୋଗେ ତୃତୀୟା ହୁଏ ।
- ଯେଉଁ ମାର୍ଗରେ ଗମନ କରାଯାଏ ତା'ଠାରେ ମଧ୍ୟ ତୃତୀୟା ବିଭକ୍ତି ହୁଏ ।
- ଊନ, ବାରଣ ଓ ପ୍ରୟୋଜନ ଅର୍ଥରେ ତୃତୀୟା ବିଭକ୍ତି ହୋଇଥାଏ ।

## ଅଭ୍ୟାସ

୧ । ବନ୍ଧନୀଦତ୍ତଶବ୍ଦାନାଂ ଯଥାର୍ଥବିଭକ୍ତିଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।

ଯଥା : ତେ <u>ବନ୍ଧୁଭିଃ</u> ସହ ଗଚ୍ଛନ୍ତି । (ବନ୍ଧୁ)

(କ) ବାଳକଃ ________ କ୍ରୀଡ଼ତି । (କନ୍ଦୁକ)

(ଖ) ଧନିକଃ ________ ଖଲ୍ୱାଟଃ (ଚନ୍ଦ୍ରାଲୋକ) । (ଶିରସ୍)

(ଗ) ମୂର୍ଖସ୍ୟ ________ କିମ୍ । (ଜୀବନମ୍)

(ଘ) ________ ସହ ତ୍ୱମ୍ ଆଗଚ୍ଛ । (ଅସ୍ମଦ୍- ଏକବଚନେ)

(ଙ) ଶିଶୁଃ ________ କ୍ରନ୍ଦତି । (ଦୁଃଖମ୍)

(ଚ) ମମ ________ ପ୍ରୟୋଜନମ୍ ଅସ୍ତି । (ବିଦ୍ୟା)

(ଛ) ________ ସମାନଃ କବିଃ ନାସ୍ତି । (କାଳିଦାସ)

୨ । **ବନ୍ଧନୀସ୍ଥିତେଷୁ ଯଥାର୍ଥ ପଦେନ ଶୂନ୍ୟସ୍ଥାନଂ ପୂରୟତ ।**

(କ) ________ ବିନା ଜୀବନଂ ବୃଥା । (ଧର୍ମସ୍ୟ, ଧର୍ମାତ୍, ଧର୍ମେଣ)

(ଖ) ବାଳାନାଂ ________ ପ୍ରୟୋଜନମ୍ । (ଦୁଗ୍ଧାୟ, ଦୁଗ୍ଧେନ, ଦୁଗ୍ଧସ୍ୟ)

(ଗ) ରାଜନ୍ ! ତବ ________ ଅଲମ୍ । (ଶ୍ରମେଣ, ଶ୍ରମସ୍ୟ, ଶ୍ରମମ୍)

(ଘ) ଛାତ୍ରଃ ________ ଲିଖତି । (କଲମସ୍ୟ, କଲମେନ, କଲମାୟ)

(ଙ) କୃପଣସ୍ୟ ________ ପ୍ରୟୋଜନମ୍ ? (ଧନସ୍ୟ, ଧନାୟ, ଧନେନ)

(ଚ) ରାଜକନ୍ୟା ________ ଆଗଚ୍ଛତି । (ଲୀଳେନ, ଲୀଳୟା, ଲୀଳାୟାଃ)

୩ । **ରେଖାଙ୍କିତାନାଂ ପଦାନାଂ ସକାରଣବିଭକ୍ତିଂ ଦର୍ଶୟତ ।**

ଯଥା- ରାମଃ <u>ଶରେଣ</u> ରାବଣଂ ହତବାନ୍ । ଶରେଣ- କରଣେ ୩ୟା ।

(କ) <u>ପ୍ରାୟେଣ</u> ଗ୍ରାମାଃ କୃଷକୈଃ ଶୋଭନ୍ତେ ।

(ଖ) <u>ସୋପାନ-ମାର୍ଗେଣ</u> ନଦୀଂ ପ୍ରବିଶ ।

(ଗ) ବାଳିକାଃ <u>କଳସେନ</u> ଜଳମ୍ ଆନୟନ୍ତି ।

(ଘ) ଗ୍ରାମବାସିନଃ <u>ସ୍ୱଭାବେନ</u> ସରଳାଃ ।

(ଙ) <u>ଧନେନ</u> ହୀନାଃ ଦରିଦ୍ରାଃ ଭବନ୍ତି ।

(ଚ) <u>ମୟା</u> ସାକଂ କଃ ଗମିଷ୍ୟତି ।

(ଛ) ସୀତା ମତ୍ <u>ବର୍ଷେଣ</u> ଅବରା ।

**୪। ବନ୍ଧନୀସ୍ଥିତପଦାନାଂ ଯଥାର୍ଥ ବିଭକ୍ତୌ ପ୍ରୟୋଗଂ କୁରୁତ ।**

ଯଥା- ତେନ <u>ଦୀପେନ</u> କିଂ ପ୍ରୟୋଜନମ୍ ଯତ୍ର ତୈଳଂ ନାସ୍ତି । (ଦୀପ)

ତେନ <u>ଯାନେନ</u> କୋ ଲାଭଃ ଯତ୍ ନ ଚଳତି । (ଯାନ)

(କ) ତେନ _______ କିଂ ଯତ୍ର ନ ଗମ୍ୟତେ । (ମାର୍ଗ)

(ଖ) ତେନ _______ କିଂ ଯତ୍ର ନ ଦୃଶ୍ୟତେ ମୁଖମ୍ । (ଦର୍ପଣ)

(ଗ) ତେନ _______ କିଂ ଯତ୍ ଭ୍ରାନ୍ତିଂ ଜନୟତି । (ପୁସ୍ତକ)

(ଘ) ତେନ _______ କିଂ ଯତ୍ ଦରିଦ୍ରେଭ୍ୟଃ ନ ଦୀୟତେ । (ଧନ)

(ଙ) ତେନ _______ କିଂ ଯେନ ପରହିତଂ ନ କ୍ରିୟତେ । (ଜୀବନ)

(ଚ) ତେନ _______ କିଂ ଯତ୍ ନ ଆଚର୍ଯ୍ୟତେ । (ଜ୍ଞାନ)

**୫। ଅଧୋଲିଖିତପଦାନି ବ୍ୟବହୃତ୍ୟ ପୃଥକ୍‌ବାକ୍ୟାନି ରଚୟତ ।**

ଯଥା- ଜଳେନ <u>ବିନା</u> ମତ୍ସ୍ୟାଃ ନ ଜୀବନ୍ତି ।

ନାନା : ପୃଥକ୍ : କୃତମ୍ : କିମ୍ : ଅବରା : ପୂର୍ବଃ : ସାର୍ଦ୍ଧମ୍ : ସ୍ୱେଚ୍ଛୟା : ଊନଃ : ଲୀଳୟା :

**୬। ବାକ୍ୟାନି ସଂଶୋଧୟତ ।**

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଯଥା- ସଃ ଜାତୌ କ୍ଷତ୍ରିୟଃ । | ସଃ ଜାତ୍ୟା କ୍ଷତ୍ରିୟଃ । |
| (କ) ରାଜା ମନ୍ତ୍ରିଣାଂ ସାର୍ଦ୍ଧଂ ଉପବିଷ୍ଟଃ । | |
| (ଖ) ଗୁରୁଭକ୍ତେଃ ସଃ ସର୍ବାନ୍ ଅତିକ୍ରାମତି । | |
| (ଗ) କାଣସ୍ୟ ଚକ୍ଷୁଷଃ କିମ୍ ? | |
| (ଘ) ଜନାଃ ପରିବାରଂ ସହ ନିବସନ୍ତି । | |
| (ଙ) କଳହସ୍ୟ କଃ ଅର୍ଥଃ । | |
| (ଚ) ଅଳମ୍ ଅତି ବିସ୍ତରସ୍ୟ । | |
| (ଛ) ସଃ ନାମେନ ମାଧବଃ । | |

**୭। ଯଥା ନିର୍ଦ୍ଦେଶଂ ଶୂନ୍ୟସ୍ଥାନଂ ପୂରୟତ ।**

| | |
|---|---|
| ଯଥା- ଅୟଂ ପୁସ୍ତକାଳୟଃ । | ଅଳଂ ବାର୍ତ୍ତାଳାପେନ । (ବାର୍ତ୍ତାଳାପ) |
| (କ) ଅୟଂ ଦେବାଳୟଃ । | ଅଳଂ _______ (କୋଳାହଳ) |
| (ଖ) ଅୟଂ ମାର୍ଗଃ । | ଅଳଂ _______ (କଳହ) |

(ଗ) ଅୟଂ ବିଦ୍ୟାଳୟଃ । ଅଳଂ ______ (ବିବାଦ)

(ଘ) ଏଷା ବାଟିକା । ଅଳଂ ______ । (ପୁଷ୍ପତ୍ରୋଟନ)

(ଙ) ଏଷଃ ଚିକିତ୍ସାଳୟଃ । ଅଳମ୍ ଉଚ୍ଚୈଃ ______ । (ହସନ)

୮। 'କ' ସ୍ତମ୍ଭାତ୍ ଶବ୍ଦାନ୍ ଗୃହୀତ୍ୱା 'ଖ' ସ୍ତମ୍ଭସ୍ୟ ଶବ୍ଦୈଃ ସହ ମେଳନଂ କୃତ୍ୱା 'ଗ' ସ୍ତମ୍ଭେ ଯଥାନିର୍ଦ୍ଦିଷ୍ଟଂ ଲିଖତ ।

| ଯଥା- | କ | ଖ | ଗ |
|---|---|---|---|
| (କ) | ନଦ୍ୟଃ | ନଦୀଭିଃ | ନଦ୍ୟଃ ନଦୀଭିଃ ସହ ପ୍ରବହନ୍ତି । |
| (ଖ) | ଚଟକାଃ | ଚଟକାଭିଃ | ଚଟକାଃ ______ ______ ଉତ୍ପତନ୍ତି । |
| (ଗ) | ଭୃଙ୍ଗାଃ | ଭୃଙ୍ଗୈଃ | ଭୃଙ୍ଗାଃ ______ ______ ପୁଷ୍ପାତ୍ ପୁଷ୍ପଂ ଭ୍ରମନ୍ତି । |
| (ଘ) | ଶୁକାଃ | ଶୁକୈଃ | ଶୁକାଃ ______ ସହାବସ୍ଥାନଂ କାମୟନ୍ତେ । |
| (ଙ) | ଶିଶବଃ | ଶିଶୁଭିଃ | ______ ______ ______ କ୍ରୀଡ଼ନ୍ତି । |
| (ଚ) | ମିତ୍ରମ୍ | ମିତ୍ରୈଃ | ______ ______ ______ ଗଚ୍ଛନ୍ତି । |

୯। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।

(କ) ମୋ ଭଉଣୀ ମୋଠାରୁ ବର୍ଷେ ବଡ଼ ।

(ଖ) ଲୋକମାନେ ନୌକାରେ ନଦୀପାର ହୁଅନ୍ତି ।

(ଗ) ଗୋରୁମାନେ ପଡ଼ିଆରେ ନିଜ ଇଚ୍ଛାରେ ବୁଲୁଛନ୍ତି ।

(ଘ) ଖୁସିରେ ତୁମର ସମୟ କଟିଯିବ ।

(ଙ) ମୁଁ ତୁମ ସହିତ ମେଳାକୁ ଯିବି ।

●●●

# ସମ୍ପ୍ରଦାନକାରକ ଓ ଚତୁର୍ଥୀ ବିଭକ୍ତି

୧। ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।

(କ) ରାଜା ବ୍ରାହ୍ମଣାୟ ଧନଂ ଦଦାତି ।

(ଖ) ଭିକ୍ଷୁକାୟ ଭିକ୍ଷାଂ ଦେହି ।

(ଗ) ମାତା ପୁତ୍ରାୟ ଚନ୍ଦ୍ରଂ ଦର୍ଶୟତି ।

କର୍ତ୍ତା ଯେଉଁ ବ୍ୟକ୍ତିକୁ ଦେବାକୁ ଇଚ୍ଛା କରେ, ସେ ସଂପ୍ରଦାନ[୧] କାରକ ଅଟେ । ପ୍ରଥମ ଦୁଇଟି ବାକ୍ୟରେ 'ବ୍ରାହ୍ମଣ' ଓ 'ଭିକ୍ଷୁକ' ସଂପ୍ରଦାନ କାରକ ଅଟନ୍ତି । ଦାନ କ୍ରିୟାର କର୍ତ୍ତା ରାଜା 'ବ୍ରାହ୍ମଣ'ଙ୍କୁ ଦେବା ପାଇଁ ଇଚ୍ଛା କରୁଥିବାରୁ ତାହା ସମ୍ପ୍ରଦାନ କାରକ[୨] ଅଟେ । ପୁନଶ୍ଚ କର୍ତ୍ତା **ଯେକୌଣସି କ୍ରିୟାଦ୍ୱାରା ଯାହାର ସମ୍ବନ୍ଧ ଇଚ୍ଛାକରେ (ଯାହାର ପ୍ରୀତି ସମ୍ପାଦନ କରେ) ସେ ମଧ୍ୟ ସମ୍ପ୍ରଦାନ କାରକ[୩] ହୁଏ** । ତୃତୀୟ ବାକ୍ୟରେ ମାତା ଚନ୍ଦ୍ର ଦର୍ଶନ କ୍ରିୟାଦ୍ୱାରା ପୁତ୍ରକୁ ଖୁସି କରିବାକୁ ବା ପ୍ରୀତି ବର୍ଦ୍ଧନ କରୁଥିବାରୁ 'ପୁତ୍ର'ଠାରେ ସମ୍ପ୍ରଦାନ ସଂଜ୍ଞା ହେଲା । ସଂପ୍ରଦାନ କାରକ ଠାରେ ଚତୁର୍ଥୀ ବିଭକ୍ତି ବିଧାନ କରାଯାଏ । ଏହାକୁ 'ସମ୍ପ୍ରଦାନେ ଚତୁର୍ଥୀ'[୪] କୁହାଯାଏ ।

୨। (କ) ଶିଶବେ କ୍ରୀଡ଼ା ରୋଚତେ ।

(ଖ) ବାନରାୟ ଫଳାନି ସ୍ୱଦନ୍ତେ ।

(ଗ) ସର୍ବେ ଧନାୟ ସ୍ପୃହୟନ୍ତି ।

ରୁଚି ଅର୍ଥକ (ରୁଚ୍ ଓ ସ୍ୱଦ୍) ଧାତୁର ପ୍ରୟୋଗରେ ଯାହାକୁ ରୁଚେ, ତା'ଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଥାଏ । ଶିଶୁକୁ କ୍ରୀଡ଼ା ଓ ବାନରକୁ ଫଳ ରୁଚୁଥିବାରୁ 'ଶିଶୁ' ଓ 'ବାନର' ଉଭୟଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଛି[୫] । ପୁନଶ୍ଚ ଇଚ୍ଛା କରିବା ଅର୍ଥରେ ସ୍ପୃହି (ସ୍ପୃହ୍ + ଣିଚ୍ ସ୍ୱାର୍ଥେ) ଧାତୁର ପ୍ରୟୋଗରେ କର୍ତ୍ତାର ଈପ୍ସିତ ବସ୍ତୁ ସମ୍ପ୍ରଦାନ ସଂଜ୍ଞା ପ୍ରାପ୍ତହୋଇ ଚତୁର୍ଥୀ ବିଭକ୍ତି ହୋଇଥାଏ[୬] । ତୃତୀୟ ବାକ୍ୟରେ କର୍ତ୍ତାର ଈପ୍ସିତ ବସ୍ତୁ 'ଧନ'ଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଛି । ମାତ୍ର ଅତ୍ୟଧିକ ସ୍ପୃହା ବୁଝାଇଲେ ୨ୟା ବିଭକ୍ତି ହୁଏ । ଯଥା:- କୃପଣଃ ଧନଂ ସ୍ପୃହୟତି ।

୩। (କ) ଗୁରୁଃ ଶିଷ୍ୟାୟ ନ କ୍ରୁଧ୍ୟତି / କୁପ୍ୟତି ।

(ଖ) ଦୁଷ୍ଟଃ ଶିଷ୍ଟାୟ ଦ୍ରୁହ୍ୟତି / ଈର୍ଷ୍ୟତି / ଅସୂୟତି ।

କ୍ରୋଧାର୍ଥକ (କ୍ରୁଧ୍ ଓ କୁପ୍) ରାଗିବା ଅର୍ଥରେ, ଦ୍ରୋହାର୍ଥକ ହିଂସା ବା ଅପକାର ଅର୍ଥରେ, ଈର୍ଷ୍ୟାର୍ଥକ ସହି ନ ପାରିବା ଅର୍ଥରେ ଓ ଅସୂୟାର୍ଥକ ଗୁଣକୁ ଦୋଷଦୃଷ୍ଟିରେ ଦେଖିବା ଅର୍ଥରେ ବ୍ୟବହୃତ ଧାତୁମାନଙ୍କର ପ୍ରୟୋଗରେ ଯାହା ପ୍ରତି କ୍ରୋଧାଦି ପ୍ରକାଶ ପାଏ, ସେଠାରେ ଚତୁର୍ଥୀ ବିଭକ୍ତି ହୋଇଥାଏ । ଉପରିସ୍ଥିତ ଉଦାହରଣରେ ଗୁରୁଙ୍କର 'ଶିଷ୍ୟ'ଠାରେ କ୍ରୋଧ ଓ ଦୁଷ୍ଟର 'ଶିଷ୍ଟ'ଠାରେ ଦ୍ରୋହ, ଈର୍ଷ୍ୟା ଓ ଅସୂୟା ବ୍ୟକ୍ତ ହେଉଥିବାରୁ 'ଶିଷ୍ୟ' ଓ 'ଶିଷ୍ଟ' ପଦଠାରେ ଚତୁର୍ଥୀ ବିଭକ୍ତି ହେଲା[୭] । କିନ୍ତୁ କ୍ରୁଧ୍ ଓ ଦ୍ରୁହ୍ ଧାତୁ ଉପସର୍ଗଯୁକ୍ତ ହେଲେ ସମ୍ପ୍ରଦାନର କର୍ମସଂଜ୍ଞା ହୁଏ । ଯଥା:-

---

୧। ସମ୍ୟକ୍ ପ୍ରଦୀୟତେ ଅସ୍ମୈ ଇତି ସମ୍ପ୍ରଦାନମ୍ ।

୨। କର୍ମଣା ଯମଭିପ୍ରୈତି ସ ସମ୍ପ୍ରଦାନମ୍ ।

୩। କ୍ରିୟୟା ଯମଭିପ୍ରୈତି ସୋଽପି ସମ୍ପ୍ରଦାନମ୍ ।

୪। ଚତୁର୍ଥୀ ସମ୍ପ୍ରଦାନେ ।

୫। ରୁଚ୍ୟର୍ଥାନାଂ ପ୍ରୀୟମାଣଃ ।

୬। ସ୍ପୃହେ ରୀପ୍ସିତଃ

୭। କ୍ରୁଧଦ୍ରୁହେର୍ଷ୍ୟାସୂୟାର୍ଥାନାଂ ଯଂପ୍ରତି କୋପଃ

(ଗ) ପ୍ରଭୁଃ ଭୃତ୍ୟଂ ସଂକ୍ରୁଧ୍ୟତି ।

(ଘ) ସାଧୁଃ କ୍ରୁରମ୍ ଅଭିଦ୍ରୁହ୍ୟତି ।

୪ । (କ) ବସ୍ତ୍ରାୟ ସୂତ୍ରମ୍ ।

(ଖ) ହାରାୟ ସୁବର୍ଣ୍ଣମ୍ ।

(ଗ) ଧର୍ମାୟ ପତ୍ନୀ ।

ଉପର ଉଦାହରଣ ଗୁଡ଼ିକରେ ଯାହା ଉଦ୍ଦେଶ୍ୟରେ ବ୍ୟକ୍ତି ବା ବସ୍ତୁ ଉଦ୍ଦିଷ୍ଟ ହୋଇଛି, ତା'ଠାରେ ଚତୁର୍ଥୀ ବିଭକ୍ତି ହୋଇଛି । 'ବସ୍ତ୍ର' ଉଦ୍ଦେଶ୍ୟରେ ସୂତ୍ର ଉଦ୍ଦିଷ୍ଟ ହୋଇଥିବାରୁ 'ବସ୍ତ୍ର'ଠାରେ ଚତୁର୍ଥୀ ହେଲା । ସେହିପରି 'ହାର' ଉଦ୍ଦେଶ୍ୟରେ ସୁବର୍ଣ୍ଣ ଓ 'ଧର୍ମ' ଉଦ୍ଦେଶ୍ୟରେ ପତ୍ନୀ ଉଦ୍ଦିଷ୍ଟ ହୋଇଥିବାରୁ ଉଭୟ 'ହାର' ଓ 'ଧର୍ମ' ଠାରେ ଚତୁର୍ଥୀ ବିଭକ୍ତି ହୋଇଛି । ଏହାକୁ ସାଧାରଣତଃ 'ନିମିତ୍ତାର୍ଥେ ଚତୁର୍ଥୀ' କୁହାଯାଏ ।[୧]

୫ । (କ) ମଶକାୟ ଧୂମଃ ।

(ଖ) ତାପାୟ ସ୍ନାନମ୍ ।

(ଗ) ଆତପାୟ ଛତ୍ରମ୍ ।

ନିବୃତ୍ତି ବୁଝାଇଲେ ଯାହାର ନିବୃତ୍ତି ଉଦ୍ଦିଷ୍ଟ, ସେହିଠାରେ ଚତୁର୍ଥୀ ବିଭକ୍ତି ହୁଏ । ଉପର ଉଦାହରଣରେ 'ମଶକ', 'ତାପ' ଓ 'ଆତପ'ର ନିବୃତ୍ତି ଉଦ୍ଦିଷ୍ଟ ହୋଇଥିବାରୁ ସେହି ସେହି ଶବ୍ଦରେ ଚତୁର୍ଥୀ ବିଭକ୍ତି ହୋଇଛି[୨] ।

୬ । (କ) ରାମଃ ଶ୍ୟାମାୟ ଶତଂ ରୂପ୍ୟକାଣି ଧାରୟତି ।

(ଖ) ଭକ୍ତିଃ ଜ୍ଞାନାୟ କଳ୍ପତେ ।

(ଗ) ବାତାୟ କପିଳା ବିଦ୍ୟୁତ୍ ।

'ଧାରି' ଧାତୁର ପ୍ରୟୋଗରେ ବା ଧାର୍ କରିବା ଅର୍ଥରେ ଯିଏ ଋଣଦାତା (ଉତ୍ତମର୍ଣ୍ଣ) ତା'ଠାରେ ଚତୁର୍ଥୀ ବିଭକ୍ତି ହୁଏ[୩] । ପ୍ରଥମ ବାକ୍ୟରେ ରାମ ଶ୍ୟାମ ଠାରୁ ଶହେ ଟଙ୍କା ଧାର କରିଥିବାରୁ 'ଶ୍ୟାମ' ମହାଜନ ବା ଋଣଦାତା । ତେଣୁ 'ଶ୍ୟାମ' ଠାରେ ୪ର୍ଥୀ ବିଭକ୍ତି ହେଲା । ସେହିପରି **କଳ୍ପତେ, ସମ୍ପଦ୍ୟତେ ଓ ପରିଣମତେ – ଏହି କ୍ରିୟାଗୁଡ଼ିକ ପରିଣତ ହେବା ଅର୍ଥକୁ ବୁଝାଇଲେ ଯାହା ପରିଣତ ହୁଏ ତାହାର ଚତୁର୍ଥୀ ବିଭକ୍ତି ହୁଏ । ଏହାକୁ ସମ୍ପଦ୍ୟମାନେ ଚତୁର୍ଥୀ କୁହାଯାଏ**[୪] । ଦ୍ୱିତୀୟ ବାକ୍ୟରେ ଭକ୍ତିରୁ 'ଜ୍ଞାନ' ଜାତ ହେଉଥିବାରୁ ସେଠାରେ ଚତୁର୍ଥୀ ବିଭକ୍ତି ହେଲା । **କୌଣସି ଉତ୍ପାତ ଜ୍ଞାପିତ ହେଉଥିଲେ ସେହି ଉତ୍ପାତବାଚୀ ଶବ୍ଦରେ ଚତୁର୍ଥୀ ବିଭକ୍ତି ହୁଏ** । ଏଠାରେ କପିଳବର୍ଣ୍ଣର ବିଜୁଳି 'ବାତ' ବା 'ବାତ୍ୟା'ର ସୂଚନା ଦେଉଥିବାରୁ, ସେଠାରେ ଚତୁର୍ଥୀ ବିଭକ୍ତି ହେଲା[୫] ।

୭ । ବାଳକେଭ୍ୟଃ ଆୟୁଷ୍ୟଂ / ମଦ୍ରଂ / ଭଦ୍ରଂ / କଲ୍ୟାଣଂ / କୁଶଳଂ / ସୁଖଂ / ସମୃଦ୍ଧିଃ / ହିତଂ ଭବତୁ ।

ଆଶୀର୍ବାଦ, ଆୟୁଷ୍ୟ, କଲ୍ୟାଣ, ମଦ୍ର, ଭଦ୍ର, କଲ୍ୟାଣ, କୁଶଳ, ଆରୋଗ୍ୟ, ସୁଖାର୍ଥକ ଶବ୍ଦ, ହିତ ପ୍ରଭୃତି ପଦଯୋଗରେ ଯାହା ପ୍ରତି ଶୁଭକାମନା କରାଯାଏ, ସେଠାରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୬] ବିକଳ୍ପରେ ଷଷ୍ଠୀ ବିଭକ୍ତି ମଧ୍ୟ ହୁଏ । ଯଥା: ବାଳକାନାମ୍ ଆୟୁଷ୍ୟଂ....... ଭବତୁ ।

---

୧ । ତାଦର୍ଥ୍ୟେ ଚତୁର୍ଥୀ ବାଚ୍ୟା ।
୨ । ନିବୃତ୍ତୌ ନିବର୍ତ୍ତନୀୟାତ୍ ।
୩ । ଧାରେରୁତ୍ତମର୍ଣ୍ଣଃ ।
୪ । କ୍ଳୃପି ସମ୍ପଦ୍ୟମାନେ ଚ ।
୫ । ଉତ୍ପାତେନ ଜ୍ଞାପିତେ ଚ ।
୬ । ଚତୁର୍ଥୀ ଚାଶିଷ୍ୟାୟୁଷ୍ୟମଦ୍ରଭଦ୍ରକୁଶଳସୁଖାର୍ଥହିତୈଃ ।

୮। (କ) ଅହଂ ତ୍ୱାଂ ତୃଣାୟ / ତୃଣଂ ମନ୍ୟେ ।

(ଖ) ସଃ ମାଂ କାକଂ ମନ୍ୟତେ । (ନ କାକାୟ)

ମନ୍ୟତେ କ୍ରିୟାର (ମନ୍ ଧାତୁ ଯୋଗେ) ଅନାଦର ବୋଧକ କର୍ମ ଅପ୍ରାଣୀବାଚକ ଶବ୍ଦ ହେଲେ ତା'ଠାରେ ଦ୍ୱିତୀୟା ଓ ଚତୁର୍ଥୀ ବିଭକ୍ତି ହୋଇଥାଏ । କିନ୍ତୁ ଅନାଦର ବୋଧକ କର୍ମ ପ୍ରାଣୀବାଚକ ହେଲେ କେବଳ ଦ୍ୱିତୀୟା ବିଭକ୍ତି ହୁଏ, ଚତୁର୍ଥୀ ହୁଏ ନାହିଁ ।[୧]

୯। (କ) ପିତା ପୁତ୍ରାୟ କ୍ରୀଡ଼ନକଂ ପ୍ରତିଶୃଣୋତି ।

(ଖ) ରାଜା ବ୍ରାହ୍ମଣାୟ ଧନମ୍ ଆଶୃଣୋତି ।

ପ୍ରତି / ଆ ଉପସର୍ଗଯୁକ୍ତ 'ଶ୍ରୁ' ଧାତୁ ଯୋଗରେ ଯାହାକୁ ପ୍ରତିଶ୍ରୁତି ଦିଆଯାଏ, ତାହାଠାରେ ଚତୁର୍ଥୀ ବିଭକ୍ତି ହୁଏ । ଉପର୍ଯୁକ୍ତ ଉଦାହରଣ ଦ୍ୱୟରେ ପୁତ୍ରକୁ ପିତା ଓ ବ୍ରାହ୍ମଣଙ୍କୁ ରାଜା ପ୍ରତିଶ୍ରୁତି ଦେଇଥିବାରୁ ପୁତ୍ର ଓ ବ୍ରାହ୍ମଣ ଶବ୍ଦରେ ଚତୁର୍ଥୀ ବିଭକ୍ତି ହୋଇଛି ।[୨]

୧୦। (କ) ବାଳିକା ଜଳାୟ (ଜଳମ୍ ଆନେତୁମ୍) ନଦୀଂ ଗଚ୍ଛତି ।

(ଖ) ଛାତ୍ରଃ (ପଠିତୁମ୍) ପଠନାୟ ବିଦ୍ୟାଳୟଂ ଗଚ୍ଛତି ।

ପ୍ରଥମ ବାକ୍ୟରେ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ଉହ୍ୟଥିବାରୁ କର୍ମ (ଜଳ) ଠାରେ ଚତୁର୍ଥୀ ବିଭକ୍ତି ହେଲା ।[୩] ଦ୍ୱିତୀୟ ବାକ୍ୟରେ 'ତୁମୁନ୍' ପ୍ରତ୍ୟୟ ପରିବର୍ତ୍ତେ ଧାତୁଟି କ୍ରିୟାବାଚକ ବିଶେଷ୍ୟ (ପଠନ) ହୋଇ ଚତୁର୍ଥୀ ବିଭକ୍ତି ହେଲା ।[୪]

୧୧। କୃଷକଃ ଗ୍ରାମଂ/ ଗ୍ରାମାୟ ଗଚ୍ଛତି ।

ଭକ୍ତଃ ମନସା ବୈକୁଣ୍ଠଂ ଗଚ୍ଛତି । (ନ ବୈକୁଣ୍ଠାୟ)

ସଃ ମାର୍ଗଂ ଗଚ୍ଛତି । (ନ ମାର୍ଗାୟ)

ଶରୀରଦ୍ୱାରା ଗମନ ବ୍ୟାପାର ବୁଝାଉଥିଲେ, ଗତ୍ୟର୍ଥଧାତୁମାନଙ୍କର (ଯଥା- ଗମ୍, ଚଲ୍ ଓ ଯା ପ୍ରଭୃତି) କର୍ମସ୍ଥାନରେ ବିକଳ୍ପରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୫] ଅଧ୍ୱବାଚକ (ମାର୍ଗ) ଶବ୍ଦ କର୍ମ ହୋଇଥିଲେ ଚତୁର୍ଥୀ ନହୋଇ କେବଳ ଦ୍ୱିତୀୟା ହେବ । ପ୍ରଥମ ବାକ୍ୟରେ ଗତ୍ୟର୍ଥକ 'ଗମ୍' ଧାତୁ ଯୋଗେ କର୍ମ 'ଗ୍ରାମ'ଠାରେ ବିକଳ୍ପରେ ଚତୁର୍ଥୀ ହୋଇ 'ଗ୍ରାମାୟ' ହେଲା । କିନ୍ତୁ ଦ୍ୱିତୀୟ ବାକ୍ୟରେ 'ଗମନ' କ୍ରିୟାର ଶରୀର ଦ୍ୱାରା ଗମନ ବ୍ୟାପାର (ଚେଷ୍ଟା କିମ୍ବା ମାର୍ଗ ଅତିକ୍ରମ) ବୁଝାଉନଥିବାରୁ କର୍ମର ବିକଳ୍ପରେ ଚତୁର୍ଥୀ ହେଲାନାହିଁ । ପୁନଶ୍ଚ ତୃତୀୟବାକ୍ୟରେ ଅଧ୍ୱବାଚକ (ମାର୍ଗ) ଶବ୍ଦ କର୍ମ ହୋଇଥିବାରୁ ଚତୁର୍ଥୀ ନହୋଇ କେବଳ ଦ୍ୱିତୀୟା ହେଲା ।

୧୨। (କ) ଶିକ୍ଷକାୟ ନମଃ ।

(ଖ) ପ୍ରଜାଭ୍ୟଃ ସ୍ୱସ୍ତି ଭବତୁ ।

(ଗ) ଅଗ୍ନୟେ ସ୍ୱାହା ।

(ଘ) ପିତୃଭ୍ୟଃ ସ୍ୱଧା ।

---

୧। ମନ୍ୟକର୍ମଣ୍ୟନାଦରେ ବିଭାଷା ଅପ୍ରାଣିଷୁ ।

୨। ପ୍ରତ୍ୟାଙ୍‌ଭ୍ୟାଂ ଶ୍ରୁବଃ ପୂର୍ବସ୍ୟ କର୍ତ୍ତା ।

୩। କ୍ରିୟାର୍ଥୋପପଦସ୍ୟ ଚ କର୍ମଣି ସ୍ଥାନିନଃ :

୪। ତୁମର୍ଥାଚ୍ଚ ଭାବବଚନାତ୍ :

୫। ଗତ୍ୟର୍ଥକର୍ମଣି ଦ୍ୱିତୀୟା ଚତୁର୍ଥ୍ୟୌ ଚେଷ୍ଟାୟାମନଧ୍ୱନି :

(ଙ) ଭୀମଃ ଦୁଃଶାସନାୟ ଅଲମ୍ ।

(ଚ) ଇନ୍ଦ୍ରାୟ ପୁଷ୍ପାଣି ବଷଟ୍ ।

ନମଃ (ନମସ୍କାର), ସ୍ୱସ୍ତି (ମଙ୍ଗଳ), ସ୍ୱାହା (ଦେବତାଙ୍କ ଉଦ୍ଦେଶ୍ୟରେ), ସ୍ୱଧା (ପିତୃଙ୍କ ଉଦ୍ଦେଶ୍ୟରେ ସମର୍ପଣ), ଅଲମ୍ (ସମର୍ଥବାଚକ), ବଷଟ୍ (ସମର୍ପଣବାଚକ)- ଏହି ଶବ୍ଦମାନଙ୍କ ଯୋଗରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୧] କିନ୍ତୁ 'ନମଃ' କ୍ରିୟାଯୁକ୍ତ ହେଲେ, ନମଃ ଶବ୍ଦ ଯୋଗେ ଚତୁର୍ଥୀ ନହୋଇ ଦ୍ୱିତୀୟା ବିଭକ୍ତି ହୁଏ । କାରଣ ଉପପଦ ଯୋଗୁ ଯେଉଁ ବିଭକ୍ତି ହୁଏ, ତା'ଠାରୁ କ୍ରିୟାଯୋଗେ ହେଉଥିବା ବିଭକ୍ତିର ଗୁରୁତ୍ୱ ବେଶି । ଯଥା :-

(ଛ) ଶିକ୍ଷକଂ ନମସ୍କୁରୁ । (ନମଃ + କୁରୁ = ନମସ୍କୁରୁ ଏହା କ୍ରିୟାପଦ)

(ଜ) ଭକ୍ତଃ ଈଶ୍ୱରଂ ନମସ୍କରୋତି । (ନମଃ + କରୋତି = ନମସ୍କରୋତି ଏହା କ୍ରିୟାପଦ)

ଉପର୍ଯ୍ୟୁକ୍ତ ବାକ୍ୟଦ୍ୱୟରେ 'କର୍ମଣି ଦ୍ୱିତୀୟା' ସୂତ୍ରରେ 'ଶିକ୍ଷକ' ଓ 'ଈଶ୍ୱର' ଶବ୍ଦରେ ଦ୍ୱିତୀୟା ବିଭକ୍ତି ହେଲା । କାରଣ ଉପପଦ ବିଭକ୍ତିଠାରୁ କାରକବିଭକ୍ତିର ବଳ ବେଶି ।[୨] ନମଃ - ଉପପଦ ମାତ୍ର ନମସ୍କୁରୁ, ନମସ୍କରୋତି କ୍ରିୟାପଦ ।

**ମନେରଖ :**

- କର୍ତ୍ତା ଯେଉଁ ବ୍ୟକ୍ତିକୁ ଦେବାକୁ ଇଚ୍ଛାକରେ ଅଥବା କ୍ରିୟାଦ୍ୱାରା ଯାହାର ସମ୍ବନ୍ଧ ଇଚ୍ଛାକରେ (ଯାହାର ପ୍ରୀତି ସମ୍ପାଦନ କରେ) ସେ ସମ୍ପ୍ରଦାନ କାରକ ହୁଏ ।
- କଳ୍ପତେ, ସମ୍ପଦ୍ୟତେ, ଜାୟତେ ଓ ଭବତି- ଏହି କ୍ରିୟାଗୁଡ଼ିକ ଯୋଗରେ ଯାହା 'ଜାତ' ହୁଏ, ତା'ର ଚତୁର୍ଥୀ ବିଭକ୍ତି ହୁଏ ।
- ଯାହାକୁ ରୁଚେ, ତା'ଠାରେ ଚତୁର୍ଥୀ ବିଭକ୍ତି ।
- ନମଃ, ସ୍ୱସ୍ତି, ସ୍ୱାହା, ସ୍ୱଧା, ଅଲମ୍ (ସାମର୍ଥ୍ୟାର୍ଥକ), ବଷଟ୍ ଯୋଗେ ଚତୁର୍ଥୀ ।
- କ୍ରୁଧ୍, ଦ୍ରୁହ, ଈର୍ଷ୍ ଓ ଅସୂୟ ପ୍ରଭୃତି ଧାତୁ ଯୋଗେ ଯାହାଠାରେ କ୍ରୋଧ, ଦ୍ରୋହ, ତା'ଠାରେ ଚତୁର୍ଥୀ ।
- 'ତୁମୁନ୍' ପ୍ରତ୍ୟୟ ଲୋପ କଲେ, ଚତୁର୍ଥୀ ବିଭକ୍ତି ହୁଏ ।

## ଅଭ୍ୟାସ

**୧ । ବନ୍ଧନୀମଧ୍ୟସ୍ଥ ଶବ୍ଦାନାଂ ଯଥାର୍ଥବିଭକ୍ତିଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ଅହଂ ତୁଭ୍ୟମ୍ ଦିବ୍ୟଚକ୍ଷୁଃ ଦଦାମି । (ଯୁଷ୍ମଦ୍)

(କ) ଶିକ୍ଷକଃ ________ ପୁରସ୍କାରଂ ଦଦାତି । (ଛାତ୍ର)

(ଖ) ________ ଔଷଧଂ ନ ରୋଚତେ । (ଶିଶୁ)

(ଗ) ଭୃତ୍ୟଃ ________ ତୃଣାନି ଆନୟତି । (ଅଶ୍ୱ)

(ଘ) ପିତା ________ କ୍ରୀଡ଼ନକଂ ପ୍ରତିଶୃଣୋତି । (ପୁତ୍ର)

(ଙ) ସର୍ବେ ________ ସ୍ପୃହୟନ୍ତି । (ଧନ)

(ଚ) ରାଜା ________ କ୍ରୁଧ୍ୟତି । (ଶତ୍ରୁ)

(ଛ) ଦ୍ୱୟୋର୍ବିବାଦଃ ତୃତୀୟସ୍ୟ ________ ଭବତି । (ଲାଭ)

---

୧ । ନମଃ-ସ୍ୱସ୍ତି-ସ୍ୱାହା-ସ୍ୱଧାଲଂ ବଷଟ୍ ଯୋଗାଚ୍ଚ :

୨ । ଉପପଦବିଭକ୍ତେଃ କାରକବିଭକ୍ତିଃ ବଳୀୟସୀ :

୨। **ବନ୍ଧନୀସ୍ଥିତଯଥାର୍ଥପଦେନ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- <u>ପରଧନାୟ</u> ମା ସ୍ପୃହୟ । (ପରଧନେନ, ପରଧନାୟ, ପରଧନାତ୍)

(କ) ______ ଫଳାନି ସ୍ୱଦନ୍ତେ । (ବାନରାୟ, ବାନରେଣ, ବାନରମ୍)

(ଖ) ଅହଂ ______ ନ ଧାରୟାମି । (କେନ, କସ୍ମାତ୍, କସ୍ମୈ)

(ଗ) ମାର୍ଜାରାଃ ______ ସ୍ପୃହୟନ୍ତି । (ମତ୍ସ୍ୟମ୍, ମତ୍ସ୍ୟେନ, ମତ୍ସ୍ୟାୟ)

(ଘ) ପିତା ______ ଦଦାତି । (ପୁତ୍ରେଣ, ପୁତ୍ରମ୍, ପୁତ୍ରାୟ)

(ଙ) ଭକ୍ତଃ ______ ନମସ୍କରୋତି । (ଈଶ୍ୱରାୟ, ଈଶ୍ୱରମ୍, ଈଶ୍ୱରେଣ)

(ଚ) ______ ପୁଷ୍ପାଣି ବଷଟ୍ । (ଗଣେଶମ୍, ଗଣେଶାୟ, ଗଣେଶେନ)

(ଛ) ସୈନିକାଃ ______ ଅଗଚ୍ଛନ୍ । (ଯୁଦ୍ଧମ୍, ଯୁଦ୍ଧେନ, ଯୁଦ୍ଧାୟ)

୩। **ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ଦର୍ଶୟତ ।**

ଯଥା- ବାଳିକାଃ <u>ପୁଷ୍ପେଭ୍ୟଃ</u> ସ୍ପୃହୟନ୍ତି । 'ସ୍ପୃହି' ଧାତୁ ଯୋଗେ ଚତୁର୍ଥୀ ।

(କ) <u>ଜ୍ଞାନାୟ</u> ବିଦ୍ୟାମ୍ ଅଧୀତେ ।

(ଖ) <u>ଶିଶବେ</u> ଦୁଗ୍ଧଂ ରୋଚତେ ।

(ଗ) ଶବରୀ <u>ଫଳାୟ</u> ଯାତି ।

(ଘ) <u>ଛାତ୍ରେଭ୍ୟଃ</u> ସ୍ୱସ୍ତି ଭବତୁ ।

(ଙ) ଶିଷ୍ୟାଃ <u>ଗୁରୂନ୍</u> ନମସ୍କୁର୍ବନ୍ତି ।

(ଚ) ରମେଶଃ <u>ପାଠାୟ</u> ଗଚ୍ଛତି ।

(ଛ) ଅହଂ <u>ତୁଭ୍ୟମ୍</u> ନ ଈର୍ଷ୍ୟାମି ।

୪। **ବନ୍ଧନୀମଧ୍ୟସ୍ଥଧାତୂନାଂ <u>କ୍ରିୟାବାଚକବିଶେଷ୍ୟପଦେନ</u> ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ବାଳକଃ <u>ପଠନାୟ</u> ଯାତି । (ପଠ୍)

(କ) ବୃଦ୍ଧାଃ ______ ମନ୍ଦିରଂ ଗଚ୍ଛନ୍ତି । (ଭଜ୍)

(ଖ) ସ୍ତ୍ରିୟଃ ______ ଗଚ୍ଛନ୍ତି । (ସ୍ନା)

(ଗ) ପାଚକଃ ______ ଚେଷ୍ଟତେ । (ପଚ୍)

(ଘ) କ୍ଷୁଧାର୍ତ୍ତଃ ______ ଯାତି । (ଭୁଜ୍)

(ଙ) ______ ଧନମ୍ ଅର୍ଜୟ । (ଦା)

(ଚ) ଚୌରଃ କାରାଗାରାତ୍ ______ ଇଚ୍ଛତି । (ଗମ୍)

(ଛ) ଭକ୍ତଃ ମନ୍ଦିରସ୍ୟ ______ ବ୍ୟଗ୍ରଃ ଭବତି । (ଦୃଶ୍ୟ)

୫। **ନିମ୍ନଲିଖିତପଦାନି ବ୍ୟବହୃତ୍ୟ ପୃଥକ୍ ବାକ୍ୟାନି ରଚୟତ ।**

ଯଥା- ବଷଟ୍ : <u>ଇନ୍ଦ୍ରାୟ</u> ପୁଷ୍ପାଣି ବଷଟ୍ ।

| | | | |
|---|---|---|---|
| ଦଦତି | : | ରୋଚତେ | : |
| ଅସୂୟତି | : | ନମସ୍କୁର୍ଯ୍ୟାତ୍ | : |
| ସ୍ୱସ୍ତି | : | ଅଳମ୍ | : |
| ସ୍ୱାହା | : | ସ୍ୱଧା | : |
| ଆଶୃଣୋତି | : | ସମ୍ପଦ୍ୟତେ | : |
| ମନ୍ୟତେ | : | ହିତମ୍ | : |

୬। **ଅଧସ୍ତନବାକ୍ୟାନି ସଂଶୋଧୟତ ।**

ଯଥା- ଅହଂ ଶିକ୍ଷକାୟ ନମସ୍କରୋମି । ଅହଂ ଶିକ୍ଷକଂ ନମସ୍କରୋମି ।

(କ) ତ୍ୱଂ ମାଂ କାକାୟ ମନ୍ୟସେ ।

(ଖ) ଶିକ୍ଷକଃ ଛାତ୍ରଂ ଆଶୃଣୋତି ପୁସ୍ତକମ୍ ।

(ଗ) ହରିସ୍ୟ ସ୍ୱର୍ଣ୍ଣଂ ପ୍ରଦେୟମ୍ ।

(ଘ) ମାତରଂ ଦୁର୍ଗାଂ ନମଃ ।

(ଙ) ସ୍ୱାମୀ ଭୃତ୍ୟାୟ ଅଭିକ୍ରୁଧ୍ୟତି ।

(ଚ) ପ୍ରଜାନାଂ ସ୍ୱସ୍ତି ଭବତି ।

(ଛ) ରାମଃ ଶ୍ୟାମାତ୍ ଶତଂ ରୂପ୍ୟକାଣି ଧାରୟତି ।

୭। **ଅଧୋଲିଖିତେଷୁ ବାକ୍ୟେଷୁ ଚତୁର୍ଥ୍ୟନ୍ତପଦାନି ରେଖାଙ୍କିତାନି କୁରୁତ ।**

ଯଥା : ଦୁର୍ଜନାଃ <u>ସଜ୍ଜନେଭ୍ୟଃ</u> ଦ୍ରୁହ୍ୟନ୍ତି ।

(କ) ନମଃ ଶିବାୟ ।

(ଖ) ଗୁରବେ ନମଃ ।

(ଗ) ବାଳିକା ପୁଷ୍ପାୟ ସ୍ପୃହୟତି ।

(ଘ) କଃ ଧନଂ ସ୍ୱେଚ୍ଛୟା କସ୍ମୈ ଦଦାତି ।

(ଙ) ସର୍ବେଭ୍ୟଃ ପ୍ରାଣିଭ୍ୟଃ ସ୍ୱସ୍ତି ଭବତୁ ।

(ଚ) ଶକ୍ତିଃ ପରେଷାଂ ପରିପୀଡ଼ନାୟ ।

(ଛ) ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍ ।

୮। **ଯଥାନିର୍ଦ୍ଦେଶଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା : ଭୀମଃ <u>ଯୁଦ୍ଧାୟ</u> ଅଲମ୍ । (ଯୁଦ୍ଧ)

(କ) ଗୋବିନ୍ଦଃ ________ ଅଲମ୍ । (ତର୍କ)

(ଖ) ପାଚକଃ ________ ଅଲମ୍ । (ପାକ/ପାଚନ)

(ଗ) ଶିଷ୍ୟଃ ________ ଅଲମ୍ । (ବେଦପଠନ)

(ଘ) ଦୁଗ୍ଧଂ ________ ଅଲମ୍ । (ଶିଶୁ)

(ଙ) ରାମଃ ________ ଅଲମ୍ । (ରାବଣ)

(ଚ) ଏତତ୍ ବେତନଂ ________ ଅଲମ୍ । (ଭୃତ୍ୟ

୯। **ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ମୁଁ ପୁଅକୁ ବହିଟିଏ ଦେବି ।

(ଖ) ବଗକୁ ମାଛ ଭଲ ଲାଗେ ।

(ଗ) ଶିକ୍ଷକ ଛାତ୍ରକୁ ପୁସ୍ତକ ପ୍ରତିଶ୍ରୁତି ଦେଉଛନ୍ତି ।

(ଘ) ରୋଗୀକୁ ଔଷଧ ରୁଚେ ନାହିଁ ।

(ଙ) ଭଲପିଲାମାନେ ଜ୍ଞାନପାଇଁ ପଢ଼ନ୍ତି ।

(ଚ) ମୂର୍ଖମାନେ ପଣ୍ଡିତଙ୍କୁ ଈର୍ଷ୍ୟା କରନ୍ତି ।

(ଛ) ଖରାପାଇଁ ଛତା ନିଅ ।

(ଜ) ସୈନିକମାନେ ଯୁଦ୍ଧ କରିବାକୁ ଗଲେ ।

(ଝ) ସେମାନେ ଆମକୁ ଘାସଭଳି ମନେ କରନ୍ତି ।

(ଞ) ତୁମର ମଙ୍ଗଳ ହେଉ ।

●●●

# ଅପାଦାନକାରକ ଓ ପଞ୍ଚମୀ ବିଭକ୍ତି

୧। (କ) ବୃକ୍ଷାତ୍ ଫଳଂ ପତତି ।

(ଖ) ପ୍ରାସାଦାତ୍ ବାଳକଃ ଅପତତ୍ ।

(ଗ) ବିଦ୍ୟାଳୟାତ୍ ଛାତ୍ରାଃ ଆଗଚ୍ଛନ୍ତି ।

ଉପରିଲିଖିତ ଉଦାହରଣ ଗୁଡ଼ିକରେ ବୃକ୍ଷରୁ ଫଳ, ପ୍ରାସାଦରୁ ବାଳକ ଓ ବିଦ୍ୟାଳୟରୁ ଛାତ୍ରମାନଙ୍କର ବିଚ୍ଛେଦ ଘଟୁଛି । ଯାହାଠାରୁ ବସ୍ତୁ ବା ବ୍ୟକ୍ତିର ବିଚ୍ଛେଦ ହୁଏ, ତାହା 'ଅପାଦାନ କାରକ' ଅଟେ ।[୧] ଏଠାରେ ପଞ୍ଚମୀ ବିଭକ୍ତି ହୁଏ ।[୨] ଏହାକୁ 'ଅପାଦାନେ ପଞ୍ଚମୀ' କୁହାଯାଏ । ବୃକ୍ଷାତ୍, ପ୍ରାସାଦାତ୍ ଓ ବିଦ୍ୟାଳୟାତ୍ ପଦଗୁଡ଼ିକ ଅପାଦାନ କାରକ ଓ ସେଗୁଡ଼ିକ ପଞ୍ଚମୀ ବିଭକ୍ତ୍ୟନ୍ତ ହୋଇଛନ୍ତି ।

୨। (କ) ମୃଗଃ ବ୍ୟାଘ୍ରାତ୍ ବିଭେତି ।

(ଖ) ଛତ୍ରମ୍ ଆତପାତ୍ ତ୍ରାୟତେ / ରକ୍ଷତି ।

'ଭୀ' ଧାତୁ ଭୟକରିବା ଓ 'ତ୍ରୈ' ଧାତୁ ରକ୍ଷାକରିବା ଅର୍ଥରେ ବ୍ୟବହୃତ ହୁଅନ୍ତି । ଏହି ଅର୍ଥକୁ ବୁଝାଉଥିବା ଧାତୁର ପ୍ରୟୋଗରେ ଭୟର କାରଣ ଠାରେ ପଞ୍ଚମୀ ବିଭକ୍ତି ହୁଏ ।[୩] ଏଠାରେ ଭୟର କାରଣ 'ବ୍ୟାଘ୍ର' ଓ 'ଆତପ' ଶବ୍ଦରେ ପଞ୍ଚମୀ ବିଭକ୍ତି ହେଲା ।

୩। (କ) ଧାର୍ମିକଃ ପାପାତ୍ ପରାଜୟତେ ।

(ଖ) ଅଧ୍ୟୟନାତ୍ ପରାଜୟତେ ଜାଲ୍ମଃ । ଜାଲ୍ମଃ (ଠକ, ମୂର୍ଖ)

ପରା + ଜି (ପରାଜୟତେ) ଧାତୁଯୋଗରେ ଯାହାକୁ ସହିହୁଏ ନାହିଁ, ତାହା ଅପାଦାନ ସଂଜ୍ଞକ ହୋଇଥାଏ ।[୪] ସୁତରାଂ 'ପାପାତ୍' ଓ 'ଅଧ୍ୟୟନାତ୍' ଠାରେ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହେଲା । କିନ୍ତୁ 'ପରାଜୟତେ' ହରାଇବା ଅର୍ଥରେ ପ୍ରଯୁକ୍ତ ହେଲେ ଯିଏ ପରାଜିତ ହୁଏ, ସେଠାରେ କର୍ମ ସଂଜ୍ଞା ହୋଇଥାଏ । ଯଥା– ମଗଧଂ ପରାଜୟତେ କଳିଙ୍ଗଃ ।

୪। (କ) ଧାନ୍ୟେଭ୍ୟଃ ଗାଂ ବାରୟ ।

(ଖ) ପିତା ପୁତ୍ରଂ ଚଳଚ୍ଚିତ୍ରଦର୍ଶନାତ୍ ବାରୟତି ।

ବାରଣାର୍ଥକ ଧାତୁ ଯୋଗରେ ନିବାର୍ଯ୍ୟମାଣର ଅଭିଳଷିତ ଅପାଦାନକାରକ ହୋଇଥାଏ ।[୫] ଉପର୍ଯ୍ୟୁକ୍ତ ଉଦାହରଣ ଦ୍ୱୟରେ 'ଧାନ୍ୟ' ଓ ଚଳଚ୍ଚିତ୍ର ଦର୍ଶନରୁ ଯଥାକ୍ରମେ ଗାଈ ଓ ପୁତ୍ରକୁ ବାରଣ କରାଯାଉଥିବାରୁ ବାରଣର ଈପ୍ସିତ 'ଧାନ୍ୟ' ଓ 'ଚଳଚ୍ଚିତ୍ରଦର୍ଶନ' ଠାରେ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହେଲା ।

---

୧। 'ଧ୍ରୁବମପାୟେଽପାଦାନମ୍' । ଧ୍ରୁବମ୍– ଆଶ୍ରୟ (ସ୍ଥିର ବା ଗତିଶୀଳ), ଅପାୟେ – ବିଚ୍ଛେଦେ ।

୨। 'ବିଶ୍ଳେଷାବଧୌ ପଞ୍ଚମୀ' । ବିଶ୍ଳେଷ– ବିଚ୍ୟୁତ, ଅବଧି– ଆଶ୍ରୟସ୍ଥଳ ।

୩। 'ଭୀତ୍ରାର୍ଥାନାଂ ଭୟହେତୁଃ' ।

୪। 'ପରାଜେରସୋଢ଼ଃ' ।

୫। 'ବାରଣାର୍ଥାନାମୀପ୍ସିତଃ' ।

୫ । (କ) ଚୌରଃ ରକ୍ଷିଣଃ ନିଲୀୟତେ ।

(ଖ) କୃଷ୍ଣଃ ମାତୁଃ ନିଲୀୟତେ ।

ନି + ଲୀ (ନିଲୀୟତେ) ଅର୍ଥାତ୍ ଲୁଚିବା । କୌଣସି ବ୍ୟବଧାନରେ ରହି ଯାହାଠାରୁ ନିଜକୁ ଲୁଚାଇ ରଖିବାକୁ ଇଚ୍ଛାକରେ, ସେ ଅପାଦାନକାରକ ହୁଏ ।[୧] ଚୋର ପୋଲିସ୍‌ଠାରୁ ଓ କୃଷ୍ଣ ମା'ଙ୍କଠାରୁ ନିଜକୁ ଲୁଚାଇ ରଖୁଛନ୍ତି, ତେଣୁ ରକ୍ଷୀ ଓ ମାତାଠାରେ ଅପାଦାନ ସଂଜ୍ଞା ହେଲା ।

୬ । (କ) କାମାତ୍ କ୍ରୋଧଃ ଅଭିଜାୟତେ ।

(ଖ) ନବନୀତାତ୍ ଘୃତମ୍ ଉତ୍ପଦ୍ୟତେ ।

(ଗ) ଅମରକଣ୍ଟକାତ୍ ମହାନଦୀ ପ୍ରଭବତି ।

ଜାତ ବା ଉତ୍ପତ୍ତି ହେବା ଅର୍ଥରେ ଜନ୍ମର ମୂଳକାରଣଠାରେ[୨] ଏବଂ ପ୍ର + ଭୂ ଧାତୁ ପ୍ରୟୋଗରେ ବୁଝାଉଥିବା ପ୍ରଥମ ଆବିର୍ଭାବସ୍ଥଳରେ ଅପାଦାନସଂଜ୍ଞା ହୁଏ ।[୩] କାମନାରୁ କ୍ରୋଧର ଜନ୍ମ ଓ ନବନୀତରୁ ଘୃତର ଉତ୍ପତ୍ତି ହୋଇଥିବାରୁ 'କାମ' ଓ ନବନୀତ, ଯଥାକ୍ରମେ କ୍ରୋଧ ଓ ଘୃତ ଉତ୍ପତ୍ତିର ମୂଳକାରଣ ଅଟେ ଏବଂ ଅପ୍ରକାଶିତ 'ମହାନଦୀ'ର 'ଅମରକଣ୍ଟକ' ଉତ୍ପତ୍ତିସ୍ଥଳ (ପ୍ରଥମ ଆବିର୍ଭାବ ସ୍ଥଳ) ହୋଇଥିବାରୁ ସେହିସ୍ଥଳରେ ଅପାଦାନସଂଜ୍ଞା ହୋଇଛି ।

୭ । (କ) ସାଧୁଃ ପାପାତ୍ ଜୁଗୁପ୍‌ସତେ ।

(ଖ) ଛାତ୍ରଃ ପଠନାତ୍ ବିରମତି ।

(ଗ) ଧର୍ମାତ୍ ନ ପ୍ରମଦିତବ୍ୟମ୍ । ଛାତ୍ରଃ ଅଧ୍ୟୟନାତ୍ ପ୍ରମାଦ୍ୟତି ।

ଜୁଗୁପ୍‌ସା (ଘୃଣା), ବିରାମ (ନିବୃତ୍ତି) ଓ ପ୍ରମାଦ (ଅନବଧାନତା) ବୋଧକ ଧାତୁ ଯୋଗରେ କର୍ମକାରକ ସ୍ଥାନରେ ଅପାଦାନକାରକ ହୁଏ ।[୪]

୮ । (କ) ହିମାଳୟଃ ବିନ୍ଧ୍ୟାତ୍ ଉଚ୍ଚତରଃ ।

(ଖ) ଜ୍ଞାନଂ ଧନାତ୍ ବିଶିଷ୍ୟତେ ।

(ଗ) ଖଳଃ ସର୍ପାତ୍ କ୍ରୂରତରଃ ।

ଦୁଇଟି ମଧ୍ୟରୁ ଗୋଟିକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ଉତ୍କୃଷ୍ଟ ବା ନିକୃଷ୍ଟଠାରେ ପଞ୍ଚମୀ ବିଭକ୍ତି ହୁଏ । ଏହାକୁ 'ଅପେକ୍ଷାର୍ଥେ ପଞ୍ଚମୀ' ବୋଲି କୁହାଯାଏ ।[୫] ଏଠାରେ ହିମାଳୟ ଓ ବିନ୍ଧ୍ୟ ମଧ୍ୟରୁ 'ବିନ୍ଧ୍ୟ' ଉଚ୍ଚତାରେ ହିମାଳୟଠାରୁ ନିକୃଷ୍ଟ, ସେହିପରି ବୈଶିଷ୍ଟ୍ୟ କ୍ଷେତ୍ରରେ ଧନ ଓ କ୍ରୂରତାରେ ସର୍ପ ନିକୃଷ୍ଟ ହୋଇଥିବାରୁ, ସେଗୁଡ଼ିକଠାରେ ପଞ୍ଚମୀ ବିଭକ୍ତି ହେଲା । କେହି କେହି ଏହାକୁ 'ତୁଲ୍ୟାର୍ଥେ ପଞ୍ଚମୀ' ବୋଲି ମଧ୍ୟ କହନ୍ତି । ଏଠାରେ ବିନ୍ଧ୍ୟ ଅପେକ୍ଷା ହିମାଳୟ, ଧନ ଅପେକ୍ଷା ଜ୍ଞାନ ଓ ସର୍ପ ଅପେକ୍ଷା ଖଳ ବୋଲି ବୁଝିବାକୁ ହୋଇଥାଏ । ଅର୍ଥାତ୍ ଦୁଇଟି ମଧ୍ୟରେ ତୁଳନା କରାଯାଇଛି ।

୯ । (କ) ରମେଶଃ (ଛାତ୍ରାବାସେ ସ୍ଥିତ୍ୱା) ଛାତ୍ରାବାସାତ୍ ପତ୍ରଂ ଲିଖତି ।

(ଖ) ବାନରଃ (ବୃକ୍ଷମ୍ ଆରୁହ୍ୟ) ବୃକ୍ଷାତ୍ ପଶ୍ୟତି ।

---

୧ । 'ଅନ୍ତର୍ଦ୍ଧୌ ଯେନାଦର୍ଶନମିଚ୍ଛତି' ।

୨ । 'ଜନିକର୍ତ୍ତୁଃ ପ୍ରକୃତିଃ' ।

୩ । 'ଭୁବଃ ପ୍ରଭବଃ' ।

୪ । 'ଜୁଗୁପ୍‌ସାବିରାମ ପ୍ରମାଦାର୍ଥାନାମୁପସଂଖ୍ୟାନମ୍' ।

୫ । 'ପଞ୍ଚମୀ ବିଭକ୍ତେଃ'- ଯାହାଠାରୁ ବିଭକ୍ତି ବା ଭେଦ ଦେଖାଯାଏ, ସେଠାରେ ପଞ୍ଚମୀ ହୁଏ ।

'କ୍ତ୍ୱା' ଏବଂ 'ଲ୍ୟପ୍' ପ୍ରତ୍ୟୟାନ୍ତ ପଦ ବ୍ୟବହାର ନ କରି ଉକ୍ତ କ୍ରିୟାପଦର 'କର୍ମ' ଓ 'ଆଧାର' ସ୍ଥାନରେ 'ପଞ୍ଚମୀ ବିଭକ୍ତି' ହୁଏ । ଏହାକୁ 'ଲ୍ୟବ୍‌ଲୋପେ ପଞ୍ଚମୀ' କୁହାଯାଏ ।[୧] ଏଠାରେ 'ସ୍ଥିତ୍ୱା' ଓ 'ଆରୁହ୍ୟ' କ୍ରିୟାପଦକୁ ଊହ୍ୟ କରି ଅଧିକରଣ 'ଛାତ୍ରାବାସ'ଠାରେ ଓ 'କର୍ମ' ବୃକ୍ଷଠାରେ ପଞ୍ଚମୀ ବିଭକ୍ତି ହୋଇଛି ।

୧୦ । (କ) ଶିଷ୍ୟଃ <u>ଆଚାର୍ଯ୍ୟାତ୍</u> ଶାସ୍ତ୍ରମ୍ ଅଧୀତେ ।

(ଖ) ବଧୂଃ <u>ଶ୍ୱଶୁରାତ୍</u> ଲଜ୍ଜତେ ।

ନିୟମପୂର୍ବକ ବିଦ୍ୟାଗ୍ରହଣରେ ଗୁରୁଙ୍କୁ 'ଆଖ୍ୟାତା' କୁହାଯାଏ । ସେଠାରେ ଅପାଦାନ ସଂଜ୍ଞା ହୁଏ[୨] ଏବଂ ଲଜ୍ଜା କରିବା ଅର୍ଥରେ ଯାହାକୁ ଲଜ୍ଜା କରାଯାଏ ସେଠାରେ ମଧ୍ୟ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହୁଏ ।[୩] ଏଠାରେ ଆଚାର୍ଯ୍ୟଙ୍କଠାରୁ ନିୟମ ପୂର୍ବକ ଶାସ୍ତ୍ର ଅଧ୍ୟୟନ ହେତୁ 'ଆଚାର୍ଯ୍ୟ' ଆଖ୍ୟାତା ଓ ବଧୂ ଶ୍ୱଶୁରଙ୍କୁ ଲାଜ କରୁଥିବାରୁ ଉଭୟ ଆଚାର୍ଯ୍ୟ ଓ ଶ୍ୱଶୁରଠାରେ ଅପାଦାନ ସଂଜ୍ଞା ହେଲା ।

୧୧ । (କ) ବାଳକଃ <u>ଦୁଃଖେନ</u> / <u>ଦୁଃଖାତ୍</u> କ୍ରନ୍ଦତି ।

(ଖ) ପଥିକଃ <u>ତୃଷୟା</u> ଅପତତ୍ ।

ସ୍ତ୍ରୀଲିଙ୍ଗ ଭିନ୍ନ ଅନ୍ୟଲିଙ୍ଗର ଗୁଣବାଚକ ଶବ୍ଦ ହେତୁ ବା କାରଣ ଅର୍ଥକୁ ବୁଝାଇଲେ ତା ସ୍ଥାନରେ ତୃତୀୟା ବା ପଞ୍ଚମୀ ବିଭକ୍ତି ହୁଏ । ହେତୁବୋଧକ ଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥିଲେ, ତା'ଠାରେ କେବଳ ତୃତୀୟା ହୁଏ (ପଞ୍ଚମୀ ହୁଏ ନାହିଁ) । କ୍ରନ୍ଦନ କ୍ରିୟାର କାରଣ 'ଦୁଃଖ' କ୍ଳୀବଲିଙ୍ଗ ହୋଇଥିବାରୁ ହେତୁ ଅର୍ଥରେ ପଞ୍ଚମୀ ବିଭକ୍ତିରେ 'ଦୁଃଖାତ୍' ହୋଇଛି । ଅନ୍ୟ ପକ୍ଷରେ ହେତୁ ଅର୍ଥରେ ତୃତୀୟା ବିଭକ୍ତିରେ 'ଦୁଃଖେନ' ମଧ୍ୟ ହୋଇଛି । କିନ୍ତୁ ଅପତତ୍- (ପତନ କ୍ରିୟା)ର କାରଣ 'ତୃଷା' ସ୍ତ୍ରୀଲିଙ୍ଗ ହେତୁ, ହେତୌ ତୃତୀୟା ହୋଇଛି ।[୪]

୧୨ । (କ) ପୁତ୍ରଃ <u>ପିତୁଃ</u> ପ୍ରତି ।

(ଖ) <u>ଧାନ୍ୟେଭ୍ୟଃ</u> ପ୍ରତିଯଚ୍ଛତି ମାଷାନ୍ ।

ପ୍ରତିନିଧି ଓ ପ୍ରତିଦାନ ଅର୍ଥରେ ବ୍ୟବହୃତ ହେଉଥିବା 'ପ୍ରତି' ଯୋଗରେ 'ପଞ୍ଚମୀ ବିଭକ୍ତି' ହୋଇଥାଏ ।[୫] ଏଠାରେ ପୁତ୍ର, ପିତାର ପ୍ରତିନିଧି ଓ ଧାନ ପ୍ରତିଦାନରେ ବିରି ଦେଉଥିବାରୁ, ପିତୃ ଓ ଧାନ୍ୟ ଶବ୍ଦରେ ପଞ୍ଚମୀ ହେଲା ।

୧୩ । (କ) ଆ <u>ମୂଳାତ୍</u> ଶ୍ରୋତୁମ୍ ଇଚ୍ଛାମି ।

(ଖ) ଆ <u>କୈଳାସାତ୍</u> ଗନ୍ତୁକାମୋଽହମ୍ ।

(ଗ) ଅପ<u>ବିଷ୍ଣୋଃ</u> ସଂସାରଃ ।

(ଘ) ପରି <u>ବନାତ୍</u> ବର୍ଷତି ମେଘଃ ।

ଅପ, ଆଙ୍ ଏବଂ ପରି ଯୋଗେ ପଞ୍ଚମୀ ବିଭକ୍ତି ହୁଏ । ମର୍ଯ୍ୟାଦା ଓ ଅଭିବିଧି ଅର୍ଥରେ 'ଆଙ୍' ତଥା ବର୍ଜନ ଅର୍ଥରେ 'ଅପ' ଓ 'ପରି' ବ୍ୟବହୃତ ହୋଇଥାଏ ।[୬]

---

୧ । 'ଲ୍ୟବ୍‌ଲୋପେ କର୍ମଣ୍ୟଧିକରଣେ ଚ' ।

୨ । 'ଆଖ୍ୟାତୋପଯୋଗେ' ।

୩ । 'ତ୍ରପାର୍ଥାନାଂ ଯତଃ ତ୍ରପା' ।

୪ । 'ହେତୌ ବିଭାଷା ଗୁଣେଽସ୍ତ୍ରିୟାମ୍' ।

୫ । 'ପ୍ରତିନିଧି ପ୍ରତିଦାନେ ଚ ଯସ୍ମାତ୍' ।

୬ । "ପଞ୍ଚମ୍ୟପାଙ୍‌ପରିଭିଃ, ଆଙ୍ ମର୍ଯ୍ୟାଦାବଚନେ, ଅପପରୀ ବର୍ଜନେ" ।

୧୪। ନିମ୍ନଲିଖିତ ପଦମାନଙ୍କ ଯୋଗରେ ପଞ୍ଚମୀ ବିଭକ୍ତି ହୁଏ ।

ଯଥା :

| | | |
|---|---|---|
| ଅନ୍ୟ, ଭିନ୍ନ, ଇତର, ପୃଥକ୍ | (ଅଲଗା)- | ରାମାତ୍ ଅନ୍ୟଃ / ଭିନ୍ନଃ / ଇତରଃ / ପୃଥକ୍ କଃ ରାବଣଂ ହନ୍ତୁଂ ସମର୍ଥଃ ? |
| ବିନା, ଋତେ, ନାନା | (ବ୍ୟତୀତ)- | ଜଳାତ୍ ବିନା / ଋତେ / ନାନା ମତ୍ସ୍ୟାଃ ନ ଜୀବନ୍ତି । |
| ଆରାତ୍ | (ଦୂର ବା ନିକଟ)- | ଗୃହାତ୍ ଆରାତ୍ ବିଦ୍ୟାଳୟଃ । |
| ପ୍ରାକ୍, ପୂର୍ବମ୍[୧] | (ପୂର୍ବରୁ)- | ଭୋଜନାତ୍ ପ୍ରାକ୍ / ପୂର୍ବଂ ହସ୍ତଂ ପ୍ରକ୍ଷାଳୟ । |
| ପରମ୍[୨], ଅନନ୍ତରମ୍ | (ପରେ)- | ପଠନାତ୍ ପରଂ / ଅନନ୍ତରଂ କ୍ରୀଡ଼ । |
| ବହିଃ | (ବାହାରେ)- | ଗୃହାତ୍ ବହିଃ ବାଳକାଃ କ୍ରୀଡ଼ନ୍ତି । |
| ଆରଭ୍ୟ, ପ୍ରଭୃତି | (ଆରମ୍ଭକରି)- | ବାଲ୍ୟାତ୍ ଆରଭ୍ୟ ସଃ ଚତୁରଃ । ମାଘାତ୍ ପ୍ରଭୃତି ବସନ୍ତଃ ଭବତି । |
| ଉତ୍ତରା, ଉତ୍ତରାହି | (ଉତ୍ତରରେ)- | ଗୃହାତ୍ ଉତ୍ତରା / ଉତ୍ତରାହି ବନମ୍ ଅସ୍ତି । |
| ଦକ୍ଷିଣା, ଦକ୍ଷିଣାହି | (ଦକ୍ଷିଣରେ)- | ଶ୍ରୀମନ୍ଦିରାତ୍ ଦକ୍ଷିଣା / ଦକ୍ଷିଣାହି ବଙ୍ଗୋପସାଗରଃ । |
| କୃଚ୍ଛ | (ଅତିକଷ୍ଟରେ)- | ସଃ କୃଚ୍ଛାତ୍ ବିପଦଃ ମୁକ୍ତଃ । |
| ଅଳ୍ପ | (ଅଳ୍ପକରେ)- | ଶିଶୁଃ ଅଳ୍ପାତ୍ ଦୁଃଖାତ୍ ରକ୍ଷିତଃ । |
| ସ୍ତୋକ | (ସାମାନ୍ୟ)- | ଅହଂ ସ୍ତୋକାତ୍ ବିପଦଃ ମୁକ୍ତଃ । |

(କୃଚ୍ଛ / ଅଳ୍ପ / ସ୍ତୋକ ଶବ୍ଦରେ ପଞ୍ଚମୀ ବିଭକ୍ତି ଯୁକ୍ତ ହୋଇଛି)

**ମନେରଖ :**

- ଯେଉଁଠାରୁ ବିଚ୍ଛେଦ ହୁଏ, ତାହା ଅପାଦାନ ।
- ଯେଉଁଥିରୁ କିଛି ପ୍ରାପ୍ତ ହୁଏ ସେଠାରେ ପଞ୍ଚମୀ ହୁଏ ।
- ଉତ୍କର୍ଷ ଓ ଅପକର୍ଷ ବୁଝାଇଲେ ନିକୃଷ୍ଟର ଅପାଦାନ ସଂଜ୍ଞା ।
- ଭୟ ଅର୍ଥରେ ଯାହାଠାରୁ ଭୟ ବା ଯିଏ ଭୟର କାରଣ ସେଠାରେ ପଞ୍ଚମୀ ହୁଏ ।
- ପୂର୍ବ-ପର ଯୋଗରେ ମଧ୍ୟ ପଞ୍ଚମୀ ହୁଏ ।
- ଯେଉଁଠାରୁ ଆରମ୍ଭ ସେଠାରେ ପଞ୍ଚମୀ ।
- ଘୃଣା-ବିରାମ-ଅସାବଧାନତା ଯେଉଁ ବ୍ୟକ୍ତିଠାରେ ବସ୍ତୁ ବା କାର୍ଯ୍ୟରେ କରାଯାଏ ସେଠାରେ ପଞ୍ଚମୀ ।
- ବିନା ଯୋଗେ ଦ୍ୱିତୀୟା, ତୃତୀୟା ଓ ପଞ୍ଚମୀ । ଋତେ ଯୋଗେ ଦ୍ୱିତୀୟା ଓ ପଞ୍ଚମୀ । ଅନ୍ତରେଣ ଯୋଗେ କେବଳ ଦ୍ୱିତୀୟା ।
- ଆରାତ୍ (ନିକଟରେ/ଦୂରରେ) ଯୋଗେ ପଞ୍ଚମୀ । କିନ୍ତୁ ନିକଷା/ ସମୟା ଯୋଗେ ଦ୍ୱିତୀୟା ।

୧। 'ପୂର୍ବଃ'- ପୁଂଲିଙ୍ଗରେ ମଧ୍ୟ ବ୍ୟବହାର ଶୁଦ୍ଧ ।

୨। 'ପରଃ'- ପୁଂଲିଙ୍ଗରେ ବ୍ୟବହାର ମଧ୍ୟ ଶୁଦ୍ଧ ।

୩। ଉଦାହରଣ : ମଧୁମାସାତ୍ ପୂର୍ବଃ ଶୀତଃ ଓ ଶୀତାତ୍ ପରଃ ବସନ୍ତଃ ।

## ଅଭ୍ୟାସଃ

୧। ବନ୍ଧନୀମଧ୍ୟାତ୍ ଯଥାର୍ଥପଦେନ ଶୂନ୍ୟସ୍ଥାନଂ ପୂରୟତ ।

ଯଥା- (କ) ନିର୍ଝରାଃ ପର୍ବତେଭ୍ୟଃ ସ୍ରବନ୍ତି ।

(ଖ) ଭକ୍ତାଃ ________ ପ୍ରତ୍ୟାବର୍ତ୍ତନ୍ତେ ।

(ଗ) ________ ବାରି ପତତି ।

(ଘ) ________ ପତ୍ରାଣି ପତନ୍ତି ।

(ଙ) ଛାତ୍ରଃ ________ ଆଗଚ୍ଛତି ।

(ଚ) କୃଷକଃ ________ ଆୟାତି ।

(ଛ) ଈଶ୍ୱରଃ ________ ରକ୍ଷତି ।

(ଦୁଃଖାତ୍, ବୃକ୍ଷାତ୍, ବିଦ୍ୟାଳୟାତ୍, ମନ୍ଦିରାତ୍, ଆକାଶାତ୍, ଗ୍ରାମାତ୍)

୨। ବନ୍ଧନୀମଧ୍ୟସ୍ଥଶବ୍ଦାନାଂ ଯଥାର୍ଥରୂପୈଃ ଉପଯୁକ୍ତକ୍ରିୟାପଦୈଶ୍ଚ ଶୂନ୍ୟସ୍ଥାନଂ ପୂରୟତ ।

ଯଥା- ସର୍ପଃ ନକୁଲାତ୍ ବିଭେତି । (ନକୁଳ)

(କ) ମୂଷିକଃ ________ ________ । (ମାର୍ଜାର)

(ଖ) ଚୌରଃ ________ ________ । (ରକ୍ଷିନ୍)

(ଗ) ମୃଗଃ ________ ________ । (ବ୍ୟାଘ୍ର)

(ଘ) ଶୃଗାଳଃ ________ ________ । (କୁକ୍କୁର)

(ଙ) ସାଧୁଃ ________ ________ । (ଦୁର୍ଜନ)

(ଚ) ଗୃହସ୍ଥଃ ________ ________ । (ଚୌର)

(ଛ) ଧାର୍ମିକଃ ________ ________ । (ପାପ)

୩। ଅଧୋଲିଖିତଂ ଶ୍ଳୋକଂ ପଠିତ୍ୱା ଶୂନ୍ୟସ୍ଥାନଂ ପୂରୟତ ।

ବିଦ୍ୟା ଦଦାତି ବିନୟଂ ବିନୟାତ୍ ଯାତି ପାତ୍ରତାମ୍ ।
ପାତ୍ରତ୍ୱାଦ୍ ଧନମାପ୍ନୋତି ଧନାଦ୍ ଧର୍ମଂ ତତଃ ସୁଖମ୍ ॥

(କ) କସ୍ମାତ୍ ପାତ୍ରତାଂ ଯାତି ?

(ଖ) ________ ପାତ୍ରତାଂ ଯାତି ।

(ଗ) ନରଃ କସ୍ମାତ୍ ଧନମାପ୍ନୋତି ?

(ଘ) ନରଃ ________ ଧନମାପ୍ନୋତି ।

(ଙ) ନରଃ କସ୍ମାତ୍ ଧର୍ମକାର୍ଯ୍ୟଂ କରୋତି ?

(ଚ) ନରଃ ________ ଧର୍ମକାର୍ଯ୍ୟଂ କରୋତି ?

(ଛ) କୁତଃ ସୁଖଂ ଲଭ୍ୟତେ ?

(ଜ) ________ ସୁଖଂ ଲଭ୍ୟତେ ।

୪। କଃ କସ୍ମାତ୍ ପରଃ ? କଃ କସ୍ମାତ୍ ପୂର୍ବଃ ? ଏତେ ଦ୍ୱାଦଶମାସାଃ ।

୧. ଚୈତ୍ରଃ
୨. ବୈଶାଖଃ
୩. ଜ୍ୟୈଷ୍ଠଃ
୪. ଆଷାଢ଼ଃ
୫. ଶ୍ରାବଣଃ
୬. ଭାଦ୍ରପଦଃ
୭. ଆଶ୍ୱିନଃ
୮. କାର୍ତ୍ତିକଃ
୯. ମାର୍ଗଶୀର୍ଷଃ
୧୦. ପୌଷଃ
୧୧. ମାଘଃ
୧୨. ଫାଲଗୁନଃ

ଯଥା : (କ) ଚୈତ୍ରଃ ବୈଶାଖାତ୍ ପୂର୍ବଃ । ବୈଶାଖଃ ଚୈତ୍ରାତ୍ ପରଃ ।

(ଖ) ଜ୍ୟୈଷ୍ଠଃ ________ ପୂର୍ବଃ । ଆଷାଢ଼ଃ ________ ପରଃ ।

(ଗ) ଶ୍ରାବଣଃ ________ ପୂର୍ବଃ । ଭାଦ୍ରପଦଃ ________ ପରଃ ।

(ଘ) ଆଶ୍ୱିନଃ ________ ପୂର୍ବଃ । କାର୍ତ୍ତିକଃ ________ ପରଃ ।

(ଙ) ମାର୍ଗଶୀର୍ଷଃ ________ ପୂର୍ବଃ । ପୌଷଃ ________ ପରଃ ।

(ଚ) ମାଘଃ ________ ପୂର୍ବଃ । ଫାଲ୍‌ଗୁନଃ ________ ପରଃ ।

**ପୁନଶ୍ଚ ଏତେ ଷଡ଼୍‌ଋତବଃ । ଯଥା ନିର୍ଦ୍ଦିଷ୍ଟଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା : (କ) ଆଷାଢାତ୍ ଆରଭ୍ୟ ଶ୍ରାବଣପର୍ଯ୍ୟନ୍ତଂ ବର୍ଷର୍ତ୍ତୁଃ ।

(ଖ) ________ ଆରଭ୍ୟ ଆଶ୍ୱିନପର୍ଯ୍ୟନ୍ତଂ ଶରଦ୍ ।

(ଗ) ________ ମାର୍ଗଶୀର୍ଷପର୍ଯ୍ୟନ୍ତଂ ହେମନ୍ତଃ ।

(ଘ) ________ ମାଘପର୍ଯ୍ୟନ୍ତଂ ଶିଶିରଃ ।

(ଙ) ଫାଲ୍‌ଗୁନାତ୍ ________ ବସନ୍ତଃ ।

(ଚ) ବୈଶାଖାତ୍ ________ ଗ୍ରୀଷ୍ମଃ ।

**୫। ଯଥାନିର୍ଦ୍ଦିଷ୍ଟଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ସ୍ୱାଧ୍ୟାୟାତ୍ ନ ପ୍ରମଦିତବ୍ୟମ୍ । (ସ୍ୱାଧ୍ୟାୟ)

(କ) ________ ________ ________ । (ସତ୍ୟ)

(ଖ) ________ ________ ________ । (ଧର୍ମ)

(ଗ) ________ ________ ________ । (କୁଶଳ)

(ଘ) ________ ________ ________ । (ଦେବକାର୍ଯ୍ୟ)

(ଙ) ________ ________ ________ । (ପିତୃକାର୍ଯ୍ୟ)

**୬। ବନ୍ଧନୀସ୍ଥିତାନ୍ ଶବ୍ଦାନ୍ ବ୍ୟବହୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।**

ଯଥା- ମମ ଭ୍ରାତା କଟକାତ୍ ଆଗତଃ । (କଟକ)

(କ) ଅହଂ ________ ବହିଃ ଇତସ୍ତତଃ ନ ଭ୍ରମାମି । (ଗ୍ରାମ)

(ଖ) ________ ଋତେ ମମ କଃ ସହାୟଃ ? (ଈଶ୍ୱର)

(ଗ) ________ ପୂର୍ବମ୍ ଈଶ୍ୱରଂ ସ୍ମର । (ଶୟନ)

(ଘ) ________ ପରଂ କ୍ରୀଡ଼ । (ପଠନ)

(ଙ) ଅର୍ଜ୍ଜୁନଃ ________ ଧନୁର୍ବିଦ୍ୟାମ୍ ଅଶିକ୍ଷତ । (ଦ୍ରୋଣ)

(ଚ) ସର୍ବେ ________ ଜୁଗୁପ୍ସନ୍ତେ । (କୃପଣ)

(ଛ) ପୁତ୍ରଃ ________ ବଦତି । (ଶ୍ରୀକ୍ଷେତ୍ର)

(ଜ) ________ ବୃକ୍ଷଃ ଜାୟତେ । (ବୀଜ)

୭। **ଅଧସ୍ତନପଦାନାଂ ବାକ୍ୟେଷୁ ବ୍ୟବହାରଂ କୁରୁତ ।**

ଯଥା : ବିଭେତି : ସର୍ପଃ ନକୁଲାତ୍ ବିଭେତି ।

ଅନ୍ୟଃ, ନିଲୀୟତେ, ଆରାତ୍, ପ୍ରାକ୍, ପୃଥକ୍, ପ୍ରଭୃତି, କୃଚ୍ଛାତ୍, ବିନା, ବହିଃ, ଅନନ୍ତରମ୍, ନାନା, ଉତ୍ତରା, ଦକ୍ଷିଣାହି, ପ୍ରତି

୮। **ସଂଶୋଧନଂ କୁରୁତ ।**

ଯଥା : ଈଶ୍ୱରସ୍ୟ ଅନ୍ୟଃ କଃ ସହାୟଃ । ଈଶ୍ୱରାତ୍ ଅନ୍ୟଃ କଃ ସହାୟଃ ।

(କ) ବିଦ୍ୟାଳୟସ୍ୟ ବହିଃ ବାଳକାଃ କ୍ରୀଡ଼ନ୍ତି ।

(ଖ) ବିପଦି ତ୍ରାୟସ୍ୱ ମାମ୍ ।

(ଗ) ଚୌରଃ ରକ୍ଷିଣଂ ନିଲୀୟତେ ।

(ଘ) ଅସ୍ୟ ନଗରସ୍ୟ ଉତ୍ତରା ନଦୀ ବର୍ତ୍ତତେ ।

(ଙ) ଭୋଜନସ୍ୟ ପ୍ରାକ୍ ହସ୍ତଂ ପ୍ରକ୍ଷାଳୟେତ୍ ।

(ଚ) ଜ୍ୟେଷ୍ଠଃ ବୈଶାଖସ୍ୟ ପରଃ ମାସଃ ।

(ଛ) ବିନୟସ୍ୟ ଯାତି ପାତ୍ରତାମ୍ ।

(ଜ) କଟକଂ ଆରାତ୍ ମହାନଦୀ ।

(ଝ) ଜନାଃ ରାଜମାର୍ଗେ ରଥଂ ପଶ୍ୟନ୍ତି ।

(ଞ) ଗୋପାଳଃ ରାମସ୍ୟ କନୀୟାନ୍ ।

୯। **ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

ଯଥା : ସୂର୍ଯ୍ୟୋଦୟ ପୂର୍ବରୁ ମୁଁ ଶଯ୍ୟାତ୍ୟାଗ କରେ : ସୂର୍ଯ୍ୟୋଦୟାତ୍ ପ୍ରାକ୍ ଅହଂ ଶଯ୍ୟାତ୍ୟାଗଂ କରୋମି ।

(କ) ଭକ୍ତମାନେ ବିଦେଶରୁ ପୁରୀ ଆସନ୍ତି ।

(ଖ) ଧନ ଅଭାବରୁ ପିଲାଟି ପଢୁନାହିଁ ।

(ଗ) ନଦୀ ଜଳଠାରୁ କୂପଜଳ ଅଧିକ ନିର୍ମଳ ।

(ଘ) ତୁମେ ଅଳ୍ପକରେ ବିପଦରୁ ରକ୍ଷା ପାଇଲ ।

(ଙ) ଲୋକମାନେ କୋଠା ଉପରୁ ଯାତ୍ରା ଦେଖୁଛନ୍ତି ।

(ଚ) ଦୂରରୁ ଦର୍ଶନ ଅତୀବ ମନୋହର ।

(ଛ) ମୂର୍ଖମାନେ ପଣ୍ଡିତମାନଙ୍କୁ ଘୃଣା କରନ୍ତି ।

(ଜ) ଲୋଭରୁ ପାପ ପାପରୁ ମୃତ୍ୟୁ ହୁଏ ।

(ଝ) ପୂର୍ବେ ମା'ମାନେ ଝିଅଙ୍କୁ ପଢ଼ିବାରୁ ବାରଣ କରୁଥିଲେ ।

# ସମ୍ବନ୍ଧପଦ ଓ ଷଷ୍ଠୀ ବିଭକ୍ତି

୧। (କ) ରାମସ୍ୟ ପୁତ୍ରଃ କ୍ରୀଡ଼ତି ।

(ଖ) ରାଜ୍ଞଃ ପୁରୁଷାଃ ଆଗଚ୍ଛନ୍ତି ।

(ଗ) ଭକ୍ତଃ କୃଷ୍ଣସ୍ୟ ପାଦପଙ୍କଜଂ ଭଜତି ।

ଏଠାରେ ରାମସ୍ୟ, ରାଜ୍ଞଃ ଓ କୃଷ୍ଣସ୍ୟ ପଦତ୍ରୟ ଷଷ୍ଠୀ ବିଭକ୍ତ୍ୟନ୍ତ ଅଟନ୍ତି । ଏହି ପଦଗୁଡ଼ିକର କ୍ରିୟାପଦ କ୍ରୀଡ଼ତି, ଆଗଚ୍ଛନ୍ତି ଓ ଭଜତି ସହିତ ସମ୍ବନ୍ଧ ନାହିଁ । ବରଂ ଏମାନଙ୍କର ସମ୍ବନ୍ଧ ବାକ୍ୟରେ ଥିବା ଅନ୍ୟ ବିଶେଷ୍ୟ ପଦଗୁଡ଼ିକ ଯଥା:- ପୁତ୍ର ପୁରୁଷ ଓ ପାଦପଙ୍କଜ ସହିତ ରହିଛି । କ୍ରିୟା ସହିତ ସମ୍ବନ୍ଧ ନଥିବାରୁ ଷଷ୍ଠୀ ବିଭକ୍ତ୍ୟନ୍ତ ପଦର 'କାରକତ୍ୱ' ସମ୍ଭବ ହୁଏ ନାହିଁ । ତେଣୁ ଏହାକୁ କେବଳ 'ସମ୍ବନ୍ଧପଦ' ବୋଲି କୁହାଯାଏ । ସମ୍ବନ୍ଧ ପଦରେ ଷଷ୍ଠୀ ବିଭକ୍ତି ହୋଇଥାଏ ।[୧] ତେଣୁ ରାମସ୍ୟ, ରାଜ୍ଞଃ ଓ କୃଷ୍ଣସ୍ୟ ଇତ୍ୟାଦି ପଦ 'ସମ୍ବନ୍ଧେ-ଷଷ୍ଠୀ' ସୂତ୍ରରେ ଷଷ୍ଠୀ ବିଭକ୍ତ୍ୟନ୍ତ ହେଲେ । ସମ୍ବନ୍ଧର ପ୍ରକାର ଅସଂଖ୍ୟ । ତେବେ ଉପର୍ଯ୍ୟୁକ୍ତ ତିନୋଟି ବାକ୍ୟରେ ଯଥାକ୍ରମେ ଜନ୍ୟ-ଜନକ, ସ୍ୱସ୍ୱାମିଭାବ ଓ ଅବୟବାବୟବିଭାବ (ଅଙ୍ଗାଙ୍ଗୀଭାବ) ସମ୍ବନ୍ଧ ଦେଖାଯାଏ ।

ମହର୍ଷି ପାଣିନି ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ ଛଅଟି କାରକ ବିଷୟ ଆଲୋଚନା କରି ପରେ କହିଲେ 'ଆଉ ଯାହା ରହିଲା' (ଅବଶିଷ୍ଟ / ଶେଷ) ସେହି ସ୍ଥାନରେ 'ଷଷ୍ଠୀ ବିଭକ୍ତି' ହେବ । ଏହାକୁ 'ଶେଷେ ଷଷ୍ଠୀ' ବୋଲି କୁହାଯାଏ । ଏହାକୁ 'ସମ୍ବନ୍ଧସାମାନ୍ୟେ ଷଷ୍ଠୀ' ବୋଲି ବୁଝିବାକୁ ହେବ ।

୨। (କ) ବନ୍ଦେ ଗୁରୋଃ ଚରଣୟୋଃ ।

(ଖ) ଭକ୍ତଃ ଶଙ୍କରସ୍ୟ ପାଦୟୋଃ ଭଜତି ।

(ଗ) ତାବତ୍ ଭୟସ୍ୟ ଭେତବ୍ୟମ୍ ।

ବହୁସ୍ଥଳରେ କାରକ ବିଭକ୍ତିର ସମ୍ଭାବନା ଥିଲେ ମଧ୍ୟ ସମ୍ବନ୍ଧ ବିବକ୍ଷାରେ ଷଷ୍ଠୀ ବିଭକ୍ତି ହୋଇଥାଏ ।[୨] ଉପରିଲିଖିତ ବାକ୍ୟଗୁଡ଼ିକରେ 'ଚରଣ' ପ୍ରଭୃତି କର୍ମାଦି କାରକ ସ୍ଥଳରେ 'ସମ୍ବନ୍ଧ ବିବକ୍ଷାରେ ଷଷ୍ଠୀ' ହୋଇଛି ।

୩। (କ) ଧନସ୍ୟ ହେତୋଃ ବିଦେଶଂ ଗଚ୍ଛତି ।

(ଖ) ଶୀତସ୍ୟ ହେତୋଃ କମ୍ପତେ ।

(ଗ) ଅଧ୍ୟୟନସ୍ୟ ହେତୋଃ ଅହଂ ଭୁବନେଶ୍ୱରେ ତିଷ୍ଠାମି ।

ବାକ୍ୟରେ 'ହେତୁ' ଶବ୍ଦର ସାକ୍ଷାତ୍ ପ୍ରୟୋଗ ହୋଇଥିଲେ ହେତୁ ବାଚକ (ନିମିତ୍ତବୋଧକ) ଶବ୍ଦଠାରେ ଷଷ୍ଠୀ ବିଭକ୍ତି ହୁଏ । ଏଠାରେ ବିଦେଶଗମନର କାରଣ 'ଧନ', ଥରିବାର କାରଣ 'ଶୀତ' ଓ ଭୁବନେଶ୍ୱରରେ ରହିବାର କାରଣ 'ଅଧ୍ୟୟନ' ହୋଇଥିବାରୁ କାରଣବାଚୀ ଧନ, ଶୀତ ଓ ଅଧ୍ୟୟନ ଶବ୍ଦରେ ଷଷ୍ଠୀ ବିଭକ୍ତି ହେଲା । ଏହାକୁ 'ହେତୁପ୍ରୟୋଗେ ଷଷ୍ଠୀ' ବୋଲି କୁହାଯାଏ ।[୩]

୪। (କ) କେନ ହେତୁନା ଅତ୍ର ଆଗଚ୍ଛସି ?

(ଖ) କସ୍ମାତ୍ ହେତୋଃ ବାଳକଃ କ୍ରନ୍ଦତି ?

(ଗ) କସ୍ୟ ହେତୋଃ ସଃ ପଳାୟିତଃ ?

---

୧। 'ସମ୍ବନ୍ଧେ ଷଷ୍ଠୀ' । 'ଷଷ୍ଠୀ ଶେଷେ' ।

୨। 'କର୍ମାଦୀନାମପିସମ୍ବନ୍ଧମାତ୍ର ବିବକ୍ଷାୟାଂ ଷଷ୍ଠ୍ୟେବ' ।

୩। ଷଷ୍ଠୀ ହେତୁ ପ୍ରୟୋଗେ

ହେତୁ ଶବ୍ଦ ସହ ଯଦି ସର୍ବନାମପଦମାନଙ୍କର ପ୍ରୟୋଗ କରାଯାଏ, ତେବେ ଉଭୟ ହେତୁବାଚୀ ଶବ୍ଦ ଓ ସର୍ବନାମବାଚୀ ଶବ୍ଦରୁ ତୃତୀୟା, ପଞ୍ଚମୀ ଓ ଷଷ୍ଠୀ ବିଭକ୍ତି ହୁଏ ।[୧] ନିମିତ୍ତ ଓ ତଦର୍ଥବାଚୀ ପର୍ଯ୍ୟାୟଶବ୍ଦ ଯୋଗରେ ସର୍ବନାମ ଏବଂ ନିମିତ୍ତବାଚକ ଶବ୍ଦଠାରେ ପ୍ରାୟଶଃ ପ୍ରଥମାଠାରୁ ସପ୍ତମୀ ପର୍ଯ୍ୟନ୍ତ ସମସ୍ତ ବିଭକ୍ତି ପ୍ରୟୋଗ ଦେଖାଯାଏ ।[୨] ଯଥା-
(ଘ) କୋ ହେତୁଃ / କଂ ହେତୁମ୍ / କେନ ହେତୁନା / କସ୍ମୈ ହେତବେ / କସ୍ମାତ୍ ହେତୋଃ / କସ୍ୟ ହେତୋଃ / କସ୍ମିନ୍ ହେତୌ ।

୫। (କ) ପୁତ୍ରଃ ମାତୁଃ / ମାତରଂ ସ୍ମରତି ।

(ଖ) ଦରିଦ୍ରସ୍ୟ / ଦରିଦ୍ରଂ ଦୟସ୍ୱ ।

(ଗ) ଗ୍ରାମସ୍ୟ / ଗ୍ରାମମ୍ ଈଷ୍ଟେ ।

ସ୍ମୃ ଧାତୁ (ସ୍ମରଣାର୍ଥକ) ଦୟ୍ ଧାତୁ (ଦୟା କରିବା) ଏବଂ ଈଶ୍ ଧାତୁ (ପ୍ରଭୁତ୍ୱ ବିସ୍ତାର କରିବା) ପ୍ରୟୋଗ ହୋଇଥିଲେ କର୍ମକାରକରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।

୬। (କ) ରାମସ୍ୟ ଗମନମ୍ (ରାମଃ ଗଚ୍ଛତି) ।

(ଖ) ଧନସ୍ୟ ଦାନଂ କୁରୁ (ଧନଂ ଦେହି) ।

(ଗ) ବ୍ୟାକରଣସ୍ୟ ପଠନଂ ଭବତି (ବ୍ୟାକରଣଂ ପଠତି) ।

କୃଦନ୍ତପଦର କର୍ତ୍ତା ଓ କର୍ମର ଷଷ୍ଠୀ ବିଭକ୍ତି ହୁଏ ।[୩] ପ୍ରଥମ ବାକ୍ୟରେ ଗମ୍ + ଲ୍ୟୁଟ୍ = ଗମନମ୍ ଏକ କୃଦନ୍ତପଦ ଅଟେ । ଏହି କୃଦନ୍ତପଦ ଯୋଗରେ କର୍ତ୍ତା 'ରାମ' ଠାରେ ଷଷ୍ଠୀ ବିଭକ୍ତି ହେଲା । ସେହିପରି ଦାନମ୍ ଓ ପଠନମ୍ କୃଦନ୍ତ ପଦ ପାଇଁ 'ଧନ' ଓ 'ବ୍ୟାକରଣ' କର୍ମଠାରେ ଷଷ୍ଠୀ ବିଭକ୍ତି ହେଲା । ଏହାକୁ 'କୃଦ୍‌ଯୋଗେ ଷଷ୍ଠୀ' ବୋଲି କୁହାଯାଏ । କୃଦନ୍ତ ପଦର କର୍ତ୍ତା ଓ କର୍ମ ଉଭୟ ଏକ ବାକ୍ୟରେ ବ୍ୟବହୃତ ହୋଇଥିଲେ 'କର୍ମ'ର ହିଁ ଷଷ୍ଠୀ ବିଭକ୍ତି ହୁଏ ।[୪] ଯଥା :-

(ଘ) ଶିଶୁଃ ଚନ୍ଦ୍ରସ୍ୟ ଦର୍ଶନଂ କରୋତି (ଶିଶୁଃ ଚନ୍ଦ୍ରଂ ପଶ୍ୟତି)

(ଙ) ପଥିକଃ ଜଳସ୍ୟ ପାନଂ କରୋତି (ପଥିକଃ ଜଳଂ ପିବତି) ।

୭। (କ) ଶିଶୁଃ କ୍ରୀଡ଼ନକଂ ପଶ୍ୟନ୍ ଅହସତ୍ ।

(ଖ) ଦୈତ୍ୟାନ୍ ଘାତୁକଃ ହରିଃ ।

(ଗ) ବିଦ୍ୟାଳୟଂ ଗନ୍ତୁମ୍ ଇଚ୍ଛାମି ।

(ଘ) ଛାତ୍ରଃ ଗୃହଂ ଗତବାନ୍ ।

(ଙ) ଧନଂ ଦାତା । (ଧନ ଦେବାରେ ଅଭ୍ୟସ୍ତ)

(ଚ) ଇଦଂ କାର୍ଯ୍ୟଂ ମୟା ସୁକରମ୍ ।

---

୧। 'ସର୍ବନାମ୍ନସ୍ତୃତୀୟା ଚ' ।
୨। 'ନିମିତ୍ତ ପର୍ଯ୍ୟାୟପ୍ରୟୋଗେ ସର୍ବାସାଂ ପ୍ରାୟଦର୍ଶନମ୍ ।'
୩। 'କର୍ତ୍ତୃକର୍ମଣୋଃ କୃତି' ।
୪। 'ଉଭୟପ୍ରାପ୍ତୌ କର୍ମଣି' ।

(ଶତୃ, ଶାନଚ୍, କ୍ତ, କ୍ତବତୁ, ଉ-ଉକ, କ୍ତ୍ୱା, ଲ୍ୟପ, ତୁମୁନ୍, ଖଲ୍, ତୃନ୍ (ଶୀଳ ବା ସ୍ୱଭାବ ଅର୍ଥକ) ପ୍ରଭୃତି କୃଦନ୍ତପଦ ଥିଲେ କର୍ମସ୍ଥାନରେ କୃଦ୍‌ଯୋଗେ ଷଷ୍ଠୀ ହୁଏ ନାହିଁ ।)[୧] 'ପଶ୍ୟନ୍' କୃଦନ୍ତପଦ ପ୍ରୟୋଗ ହୋଇଥିଲେ ମଧ୍ୟ କର୍ମ (କ୍ରୀଡ଼ନକ) ପଦର ଷଷ୍ଠୀ ହେଲା ନାହିଁ । ସେହିପରି 'ଘାତୁକଃ' ଗନ୍ତୁମ୍, ଗତବାନ୍ ଓ ଦାତା ଇତ୍ୟାଦି କୃଦନ୍ତପଦର ପ୍ରୟୋଗ ଥିଲେ ମଧ୍ୟ ଦୈତ୍ୟାନ୍, ବିଦ୍ୟାଳୟମ୍, ଗୃହମ୍ ଓ ଧନମ୍ ଠାରେ ଷଷ୍ଠୀ ହୋଇନାହିଁ । କିନ୍ତୁ 'ତୃଚ୍' ପ୍ରତ୍ୟୟ ହୋଇ କୃଦନ୍ତ ହେଲେ, ସେଠାରେ କୃଦ୍‌ଯୋଗେ ଷଷ୍ଠୀ ବିଧାନ ହେବ । ଯଥା :- ଜଗତଃ କର୍ତ୍ତା ହରିଃ । (କୃ + ତୃଚ୍ = କର୍ତ୍ତା) ଧନସ୍ୟ ଦାତା (ଦା + ତୃଚ୍) ଏହା ଧନ ଦେଉଥିବା ବ୍ୟକ୍ତିକୁ ବୁଝାଉଛି । ତେଣୁ ସମ୍ବନ୍ଧେ ଷଷ୍ଠୀ । ଧନଂ ଦାତା (ଦା + ତୃନ୍) ଧନ ଦେବାରେ ଅଭ୍ୟସ୍ତ ବ୍ୟକ୍ତିକୁ ବୁଝାଏ । ତେଣୁ କର୍ମକାରକରେ ଦ୍ୱିତୀୟା ।

୮। (କ) ଇଦଂ ମମ ମତମ୍ ।

(ଖ) ବିଦ୍ୱାନ୍ ସର୍ବେଷାଂ ପୂଜିତଃ ।

(ଗ) ସଃ ମମ ବିଦିତଃ ।

ବର୍ତ୍ତମାନ କାଳ ଅର୍ଥରେ 'କ୍ତ' ପ୍ରତ୍ୟୟାନ୍ତ ପଦ ପ୍ରୟୋଗ ହୋଇଥିଲେ କର୍ତ୍ତାଠାରେ ଷଷ୍ଠୀ ବିଭକ୍ତି ହୁଏ ।[୨] କିନ୍ତୁ ଭାବବାଚ୍ୟରେ ବିହିତ 'କ୍ତ' ପ୍ରତ୍ୟୟାନ୍ତ ପଦର କର୍ତ୍ତାଠାରେ ବିକଳ୍ପରେ ଷଷ୍ଠୀ ହୁଏ ।[୩]

ଯଥା :- ମମ ହସିତମ୍, ତବ ଜୀବିତମ୍ ।

ଏଠାରେ ମୟା ହସିତମ୍ ଓ ତ୍ୱୟା ଜୀବିତମ୍ ମଧ୍ୟ ହେବ ।

୯। (କ) ବାଳକସ୍ୟ / ବାଳକେନ ଚନ୍ଦ୍ରଃ ଦର୍ଶନୀୟଃ ।

(ଖ) ଛାତ୍ରସ୍ୟ / ଛାତ୍ରେଣ ପୁସ୍ତକଂ ପଠିତବ୍ୟମ୍ ।

(ଗ) ଭକ୍ତସ୍ୟ / ଭକ୍ତେନ ସେବ୍ୟଃ ହରିଃ ।

କୃତ୍ୟ (ତବ୍ୟ, ଅନୀୟ, ଯତ୍, ଣ୍ୟତ୍, କ୍ୟପ୍) ପ୍ରତ୍ୟୟାନ୍ତ ପଦଯୋଗରେ କର୍ତ୍ତାର ବିକଳ୍ପରେ ଷଷ୍ଠୀ ବିଭକ୍ତି ଓ ପକ୍ଷେ 'ଅନୁକ୍ତେ କର୍ତ୍ତରି ତୃତୀୟା' ସୂତ୍ରରେ ତୃତୀୟା ବିଭକ୍ତି ହୋଇଥାଏ ।[୪]

ଉପରିଲିଖିତ ଉଦାହରଣ ଗୁଡ଼ିକରେ ଦର୍ଶନୀୟ - ଦୃଶ୍ + ଅନୀୟ, ପଠିତବ୍ୟ - ପଠ୍ + ତବ୍ୟ ଓ ସେବ୍ୟ - ସେବ୍ + ଯତ୍ ହୋଇ ବ୍ୟବହାର ହୋଇଥିବାରୁ କର୍ତ୍ତା ବାଳକ, ଛାତ୍ର ଓ ଭକ୍ତଠାରେ ବିକଳ୍ପେ ଷଷ୍ଠୀ ଓ ପକ୍ଷେ ତୃତୀୟା ହୋଇଛି ।

୧୦। (କ) ରାମେଣ / ରାମସ୍ୟ ତୁଲ୍ୟଃ ରାଜା ନାସ୍ତି ।

(ଖ) ତବ ତୁଳା / ଉପମା ନାସ୍ତି ।

ତୁଲ୍ୟାର୍ଥକ ତୁଲ୍ୟ, ସଦୃଶ, ସମାନ, ସମ ପ୍ରଭୃତି ଶବ୍ଦଯୋଗରେ ଯାହା ସହିତ ତୁଲ୍ୟ, ତା'ଠାରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।[୫] ପକ୍ଷେ ତୃତୀୟା ବିଭକ୍ତି ମଧ୍ୟ ହୁଏ । କିନ୍ତୁ ତୁଲ୍ୟାର୍ଥକ ତୁଳା ଓ ଉପମା ଶବ୍ଦଯୋଗରେ କେବଳ ଷଷ୍ଠୀ ବିଭକ୍ତି ହୁଏ । (ଅତୁଲୋପମାଭ୍ୟାମ୍)

---

୧। 'ନ ଲୋକାବ୍ୟୟନିଷ୍ଠା ଖଲର୍ଥତୃନାମ୍' । ଲ + ଉ + ଉକ + ଅବ୍ୟୟ + ନିଷ୍ଠା + ଖଲର୍ଥ + ତୃନ୍ । ଲ - ଶତୃ, ଶାନଚ୍, କ୍ୱସୁ, କାନଚ୍, ସ୍ୟତୃ ସ୍ୟମାନ, ଅବ୍ୟୟ - କ୍ତ୍ୱା, ତୁମୁନ୍ ନିଷ୍ଠା-କ୍ତ-କ୍ତବତୁ । ଖଲର୍ଥ - ଖଲ୍ ପ୍ରତ୍ୟୟାନ୍ତ । ତୃନ୍ ।

୨। 'କ୍ତସ୍ୟ ଚ ବର୍ତ୍ତମାନେ' ।

୩। ନପୁଂସକ ଭାବ ଉପସଂଖ୍ୟାନମ୍

୪। କୃତ୍ୟାନାଂ କର୍ତ୍ତରିବା

୫। ତୁଲ୍ୟାର୍ଥୈରତୁଲୋପମାଭ୍ୟାଂ ତୃତୀୟାନ୍ୟତରସ୍ୟାମ୍

୧୧ । (କ) ନଦୀନାଂ / ନଦୀଷୁ ଗଙ୍ଗା ପବିତ୍ରତମା ।

(ଖ) ପ୍ରାଣିନାଂ / ପ୍ରାଣିଷୁ ନରାଃ ଶ୍ରେଷ୍ଠାଃ ।

(ଗ) ଗଚ୍ଛତାଂ / ଗଚ୍ଛତ୍ସୁ ଧାବନ୍ ଦ୍ରୁତତମଃ ।

ଯେଉଁ ସମୁଦାୟ ବା ସମଷ୍ଟିରୁ କୌଣସି ଜାତି, ଗୁଣ, କ୍ରିୟା ବା ସଂଜ୍ଞାବାଚକ ଶବ୍ଦଦ୍ୱାରା ଗୋଟିକୁ ପୃଥକ୍ କରାଯାଏ, ସେହି ସମୁଦାୟବୋଧକ ଶବ୍ଦର ଷଷ୍ଠୀ ଓ ସପ୍ତମୀ ବିଭକ୍ତି ହୁଏ । ଏହାକୁ ନିର୍ଦ୍ଧାରଣେ ଷଷ୍ଠୀ ଓ ସପ୍ତମୀ କୁହାଯାଏ ।[୧] ନଦୀମାନଙ୍କ ମଧ୍ୟରୁ 'ଗଙ୍ଗା', ପ୍ରାଣୀମାନଙ୍କ ମଧ୍ୟରୁ 'ନର' ଓ ଚାଲୁଥିବା ଲୋକମାନଙ୍କ ମଧ୍ୟରୁ ଦୌଡୁଥିବା ଲୋକକୁ ପୃଥକ୍ କରାଯାଇଥିବାରୁ ନଦୀ, ପ୍ରାଣୀ ଓ ଗଚ୍ଛତ୍ ଶବ୍ଦରେ ଷଷ୍ଠୀ ଓ ସପ୍ତମୀ ହେଲା ।

୧୨ । (କ) ଗ୍ରାମସ୍ୟ / ଗ୍ରାମାତ୍ ଦୂରେ ନଦୀ ବହତି ।

(ଖ) ଗୃହସ୍ୟ / ଗୃହାତ୍ ଅନ୍ତିକେ କ୍ଷେତ୍ରମ୍ ଅସ୍ତି ।

ଦୂର ଓ ସମୀପାର୍ଥକ ଶବ୍ଦଯୋଗରେ ପଞ୍ଚମୀ ଓ ଷଷ୍ଠୀ ବିଭକ୍ତି ହୁଏ ।[୨]

୧୩ । (କ) ଅଗ୍ନିଃ କାଷ୍ଠାନାଂ / କାଷ୍ଠୈଃ ନ ତୃପ୍ୟତି ।

(ଖ) ପଥିକଃ ଶୀତଳଜଳାନାଂ / ଶୀତଳଜଳୈଃ ତୃପ୍ୟତି

ତୃପ୍ତ୍ୟର୍ଥକ ପଦଯୋଗରେ କରଣ କାରକଠାରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।[୩]

୧୪ । (କ) ବାଳିକା ଜଳସ୍ୟ କୃତେ ଗଚ୍ଛତି ।

(ଖ) ତବ କୃତେ କିଂ କରିଷ୍ୟାମି ?

ନିମିତ୍ତ ଅର୍ଥରେ 'କୃତେ' ଶବ୍ଦର ପ୍ରୟୋଗ ହୋଇଥିଲେ, ଷଷ୍ଠୀ ବିଭକ୍ତି ହୁଏ ।[୪]

୧୫ । (କ) ପିତୁଃ ରୁଦତଃ / ପିତରି ରୁଦତି ପୁତ୍ରଃ ଅଗଚ୍ଛତ୍ ।

(ଖ) ମମ ପଶ୍ୟତଃ / ମୟି ପଶ୍ୟତି କାକଃ ପିଷ୍ଟକମ୍ ଅନୟତ୍ ।

ଯାହାକୁ ଅବଜ୍ଞା ବା ଅନାଦର କରି କାର୍ଯ୍ୟ କରାଯାଏ, ତାହାଠାରେ ଷଷ୍ଠୀ କିମ୍ବା ସପ୍ତମୀ ବିଭକ୍ତି ହୁଏ । ଏହାକୁ ଅନାଦରେ ଷଷ୍ଠୀ / ସପ୍ତମୀ ବୋଲି କୁହନ୍ତି ।[୫]

୧୬ । ନିମ୍ନଲିଖିତ ପଦମାନଙ୍କ ଯୋଗରେ ଷଷ୍ଠୀ ବିଭକ୍ତି ହୁଏ ।

ପୂର୍ବତଃ } (ପୂର୍ବରେ) - ଭାରତସ୍ୟ ପୂର୍ବତଃ ଗଙ୍ଗାସାଗରଃ ।

ପଶ୍ଚିମତଃ } (ପଶ୍ଚିମରେ) - ଉତ୍କଳସ୍ୟ ପଶ୍ଚିମତଃ ଛତିଶଗଡ଼ଃ ।

ଉତ୍ତରେଣ, ଉତ୍ତରାତ୍, ଉତ୍ତରତଃ } (ଉତ୍ତରରେ) - ଭାରତସ୍ୟ ଉତ୍ତରେଣ / ଉତ୍ତରାତ୍ / ଉତ୍ତରତଃ ହିମାଳୟଃ ।

---

୧ । 'ଯତଶ୍ଚ ନିର୍ଦ୍ଧାରଣମ୍' । 'ଜାତି ଗୁଣକ୍ରିୟା ସଂଜ୍ଞାଭିଃ ସମୁଦାୟାତ୍ ଏକସ୍ୟ ପୃଥକ୍ କରଣମ୍ ନିର୍ଦ୍ଧାରଣମ୍' ।

୨ । 'ଦୂରାନ୍ତିକାର୍ଥୈଃ ଷଷ୍ଠ୍ୟନ୍ୟତରସ୍ୟାମ୍' ।

୩ । ତୃପ୍ତ୍ୟର୍ଥାନାଂ ବିଭାଷାକରଣେ ।

୪ । କୃତେ ପ୍ରୟୋଗେ ଷଷ୍ଠୀ

୫ । ଷଷ୍ଠୀ ଚାନାଦରେ

| | | |
|---|---|---|
| ଦକ୍ଷିଣେନ<br>ଦକ୍ଷିଣାତ୍<br>ଦକ୍ଷିଣତଃ | (ଦକ୍ଷିଣରେ) - | ଶ୍ରୀକ୍ଷେତ୍ରସ୍ୟ ଦକ୍ଷିଣେନ / ଦକ୍ଷିଣାତ୍ / ଦକ୍ଷିଣତଃ ସାଗରଃ ଶୋଭତେ । |
| ଉପରି | (ଉପରେ) - | ଏକସ୍ୟ ବିଷୟସ୍ୟ ଉପରି ପ୍ରବନ୍ଧଂ ରଚୟତ । |
| ଅଧଃ<br>ଅଧସ୍ତାତ୍ | (ତଳେ) - | ଭୂମେଃ ଅଧଃ ଜଳମ୍ ଅସ୍ତି ।<br>ବୃକ୍ଷସ୍ୟ ଅଧସ୍ତାତ୍ ପଥିକଃ ବିଶ୍ରାମଂ କରୋତି । |
| ପୁରଃ | - | ମମ ପୁରଃ ଗଚ୍ଛ । |
| ପୁରତଃ | - | ମାତୁଃ ପୁରତଃ ଶିଶୁଃ କ୍ରୀଡ଼ତି । |
| ପୁରସ୍ତାତ୍ | (ଆଗରେ) - | ଗୁରୋଃ ପୁରସ୍ତାତ୍ ଉପବିଶ । |
| ଅଗ୍ରତଃ | - | ମମ ଅଗ୍ରତଃ ଆଗଚ୍ଛ । |
| ପୃଷ୍ଠତଃ | (ପଛରେ) - | ବିଦ୍ୟାଳୟସ୍ୟ ପୃଷ୍ଠତଃ କ୍ରୀଡ଼ାପ୍ରାନ୍ତରମ୍ ଅସ୍ତି । |

ଦ୍ୱିଃ (ଦୁଇଥର) - ଅହଂ ମାସସ୍ୟ ଦ୍ୱିଃ ଗ୍ରାମଂ ଗଚ୍ଛାମି ।

ତ୍ରିଃ (ତିନିଥର) - ମୁନୟଃ ଦିବସସ୍ୟ ତ୍ରିଃ ସ୍ନାନ୍ତି ।

ଚତୁଃ (ଚାରିଥର) - ବର୍ଷସ୍ୟ ଚତୁଃ ପୁରୀଂ ଗଚ୍ଛେତ୍ ।

ପଞ୍ଚକୃତ୍ୱଃ (ପାଞ୍ଚଥର) - ଶିଶୁଃ ଦିବସସ୍ୟ ପଞ୍ଚକୃତ୍ୱଃ ଖାଦତି ।

(ଏହିପରି ଷଟ୍‌କୃତ୍ୱଃ, ସପ୍ତକୃତ୍ୱଃ ପ୍ରଭୃତି ଯୋଗରେ କାଳାଧିକରଣରେ ଷଷ୍ଠୀ ବିଭକ୍ତି ହେବ ।)

**ମନେରଖ :**

- ସମ୍ବନ୍ଧବାଚକ ପଦର ଷଷ୍ଠୀ ବିଭକ୍ତି ହୁଏ ।
- ପଠନମ୍, ଗମନମ୍ ପ୍ରଭୃତି ଭାବବାଚକ ପଦ ଯୋଗେ ଷଷ୍ଠୀ ।
- ପୁରଃ, ପୁରତଃ, ଅଗ୍ରତଃ ଇତ୍ୟାଦି ଯୋଗେ ଷଷ୍ଠୀ ।
- ଯେଉଁମାନଙ୍କ ମଧ୍ୟରୁ ନିର୍ଦ୍ଧାରଣ - ସମୁଦାୟଠାରେ ଷଷ୍ଠୀ ।
- ଅନାଦରେ ଷଷ୍ଠୀ ।
- ତୁଲ୍ୟ, ସମାନ, ସମ, ସଦୃଶ, ତୁଳା, ଉପମା ପ୍ରଭୃତି ଯୋଗରେ ଷଷ୍ଠୀ ।
- କୃଦନ୍ତପଦ ଯୋଗେ ଷଷ୍ଠୀ ।

## ଅଭ୍ୟାସଃ

୧। ଉଦାହରଣମ୍ ଅନୁସୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।

ଯଥା :- ପୁରାଣସ୍ୟ ଶ୍ରବଣେନ ବୃଦ୍ଧାଃ ଆନନ୍ଦିତାଃ ଭବନ୍ତି । (ପୁରାଣମ୍)

(କ) ________ ପଠନେନ ଜ୍ଞାନଂ ବର୍ଦ୍ଧତେ । (ପୁସ୍ତକାନି)

(ଖ) ________ ଭକ୍ଷଣେନ ସ୍ୱାସ୍ଥ୍ୟଂ ଭବତି । (ଫଳାନି)

(ଗ) ________ ଧାରଣେନ ଶୋଭା ବର୍ଦ୍ଧତେ । (ସ୍ୱଚ୍ଛବସ୍ତ୍ରମ୍)

(ଘ) ________ ରକ୍ଷଣେନ ସମ୍ମାନଃ ଲଭ୍ୟତେ । (ଦେଶଃ)

(ଙ) ________ ପାଳନେନ ତେଷାଂ ସଂରକ୍ଷଣଂ ଭବତି । (ଜୀବାଃ)

(ଚ) ________ ଦାନେନ ତସ୍ୟାଃ ବୃଦ୍ଧିଃ ଜାୟତେ । (ବିଦ୍ୟା)

(ଛ) ________ ପ୍ରଦାନେନ ପୁଣ୍ୟଂ ଲଭ୍ୟତେ । (ଧନ)

୨। ଅଧୋଲିଖିତାନାଂ ପଦାନାଂ ସହାୟତୟା ତେଷାଂ ଯୋଗେ ବନ୍ଧନୀସ୍ଥିତଶବ୍ଦାନାଂ ଷଷ୍ଠୀ ବିଭକ୍ତିଗତ ରୂପଂ କୃତ୍ୱା ଶୂନ୍ୟସ୍ଥାନାନି ପୂରୟତ ।

**(ପୁରତଃ, ଅଧଃ, ଉତ୍ତରତଃ, ଦକ୍ଷିଣତଃ, ଅଗ୍ରତଃ, ପୂର୍ବତଃ, ପଶ୍ଚିମତଃ)**

ଯଥା :- ବୃକ୍ଷସ୍ୟ ଉପରି ବିହଙ୍ଗାଃ କୂଜନ୍ତି । (ବୃକ୍ଷ)

(କ) ________ ________ ଜଗନ୍ନାଥପୁରୀ ଅସ୍ତି । (ମହୋଦଧି)

(ଖ) ________ ________ ହିମାଳୟଃ ବିରାଜତେ । (ଭାରତ)

(ଗ) ________ ________ ଆନ୍ଧ୍ରପ୍ରଦେଶଃ ଅବସ୍ଥିତଃ । (ଉତ୍କଳ)

(ଘ) ________ ________ ରତ୍ନାନି ସନ୍ତି । (ଭୂମି)

(ଙ) ________ ________ ସେନାପତିଃ ଅସ୍ତି । (ସୈନିକ)

(ଚ) ________ ________ ଦ୍ୱାରକାପୁରୀ ବର୍ତତେ । (ଭାରତବର୍ଷ)

(ଛ) ________ ________ ଶିଶୁଃ କ୍ରୀଡ଼ତି । (ମାତୃ)

୩। ଉଦାହରଣମ୍ ଅନୁସୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।

ଯଥା :- ବାଳକାନାଂ ଶ୍ରେଷ୍ଠଃ ରବିଃ । (ବାଳକ)

(କ) ________ ଶ୍ରେଷ୍ଠଃ ରାମଃ । (ନୃପତି)

(ଖ) ________ ଶ୍ରେଷ୍ଠଃ ହନୁମାନ୍ । (ଭକ୍ତ)

(ଗ) ________ ଶ୍ରେଷ୍ଠା ଦିଲ୍ଲୀ । (ନଗରୀ)

(ଘ) ________ ଶ୍ରେଷ୍ଠମ୍ କମଳମ୍ । (ପୁଷ୍ପ)

(ଙ) ________ ଶ୍ରେଷ୍ଠଃ ମୟୂରଃ । (ପକ୍ଷିନ୍)

(ଚ) ________ ଶ୍ରେଷ୍ଠଃ ମାଘଃ । (କାବ୍ୟ)

(ଛ) ________ ଶ୍ରେଷ୍ଠଃ କାଳିଦାସଃ । (କବି)

୪। ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।

ଯଥା :- ବିପଦି ମାତୁଃ ସ୍ମରଣମ୍ ଆପଦ୍ ହରତି । (କୃଦ୍‌ଯୋଗେ ଷଷ୍ଠୀ)

(କ) ହେ ରାମ ! ଦରିଦ୍ରାଣାଂ ଦୟସ୍ୱ । ( )

(ଖ) ବାଳଃ ମାତୁଃ ସ୍ମରତି । ( )

(ଗ) କ୍ଷୁଦ୍ରାଣାଂ ପ୍ରାଣାନାଂ କୃତେ ଅସତ୍ୟଂ ମା ବଦ । ( )

(ଘ) ଗ୍ରାମସ୍ୟ ଅନ୍ତିକମ୍ ଉପବନମ୍ ଅସ୍ତି । ( )

(ଙ) ପରିଶ୍ରମେ ସଃ ମାତୁଃ ତୁଲ୍ୟଃ । ( )

(ଚ) ଅଳ୍ପସ୍ୟ ହେତୋଃ ମହତଃ ତ୍ୟାଗଃ ନ କର୍ତ୍ତବ୍ୟଃ । ( )

(ଛ) ଶିଶୋଃ ସ୍ମିତହାସ୍ୟଂ ପିତ୍ରୋଃ ଆନନ୍ଦକରମ୍ । ( )

୫। ସଂଶୋଧନଂ କୁରୁତ ।

ଯଥା :- ବ୍ୟଜନମ୍ ଅଧଃ ବାଳଃ ଶେତେ । ଶୁଦ୍ଧ - ବ୍ୟଜନସ୍ୟ । (ବ୍ୟଜନ - ପଙ୍ଖା)

(କ) ମୂଷିକଃ ମାର୍ଜାରଂ ବିଭେତି ।

(ଖ) ପୁରାଣଂ ଶ୍ରବଣେନ ପୁଣ୍ୟଂ ଭବତି ।

(ଗ) ବ୍ୟାକରଣଂ ପଠନଂ ଅତୀବ ସହଜମ୍ ।

(ଘ) ପୁତ୍ରେଣ ତୁଲ୍ୟା କଃ ପ୍ରିୟଃ ?

(ଙ) କାର୍ଯ୍ୟମିଦଂ ତବ ସୁକରମ୍ ।

(ଚ) ସଃ ମାସେ ତ୍ରିଃ ଚଳଚ୍ଚିତ୍ରଂ ପଶ୍ୟତି ।

୬। ବାକ୍ୟେଷୁ ବ୍ୟବହରତ ।

ଯଥା :- ତୁଲ୍ୟଃ - ରାମେଣ ତୁଲ୍ୟଃ ରାଜା ନାସ୍ତି ।

କର୍ତ୍ତବ୍ୟମ୍, ମତମ୍, ସପ୍ତକୃତ୍ୱଃ, ତ୍ରିଃ, ଦକ୍ଷିଣତଃ, ସ୍ମରନ୍ତି, ଅନ୍ତିକମ୍, ସୁଖମ୍, ଅଧସ୍ତାତ୍, ପୁରଃ,

୭। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।

ଯଥା :- ବିପଦରେ ହରିଙ୍କୁ ସ୍ମରଣ କର । ଉତ୍ତର - ବିପଦି ହରେଃ ସ୍ମର ।

(କ) ଶିଶୁଟି ଦିନରେ ଛଅଥର ଦୁଧ ପିଏ ।

(ଖ) ବନ୍ଧୁଙ୍କର ଉପଦେଶ ତୁମର ଶୁଣିବା ଉଚିତ ।

(ଗ) କ୍ଷମା ସମାନ ଗୁଣ ନାହିଁ ।

(ଘ) ତୃଷାର୍ତ୍ତ ଥଣ୍ଡାପାଣିରେ ତୃପ୍ତ ହୁଏ ।

(ଙ) ଧନ ହେତୁ ଗର୍ବ କରିବା ଉଚିତ ନୁହେଁ ।

(ଚ) ବାରବାଟୀ ଦୁର୍ଗ ଆଗରେ ବିଶାଳ ଖେଳପଡ଼ିଆ ଅଛି ।

(ଛ) ତୁମର ସେଠାକୁ ଯିବା ଉଚିତ ନୁହେଁ ।

(ଜ) ବ୍ରାହ୍ମଣ ଦେବତାଙ୍କୁ ପୂଜା କରନ୍ତି ।

(ଝ) ମନ୍ଦିର ଆଗରେ କଦମ୍ବଗଛ ଅଛି ।

●●●

# ଅଧିକରଣ କାରକ ଓ ସପ୍ତମୀ ବିଭକ୍ତି

ନିମ୍ନଲିଖିତ ଶ୍ଳୋକଟିକୁ ପଢ଼ ଓ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟ କର ।

ବିପଦି ଧୈର୍ଯ୍ୟମଥାଭ୍ୟୁଦୟେ କ୍ଷମା ।
ସଦସି ବାକ୍‌ପଟୁତା ଯୁଧି ବିକ୍ରମଃ ।
ଯଶସି ଚାଭିରୁଚିର୍ବ୍ୟସନଂ ଶ୍ରୁତୌ ।
ପ୍ରକୃତିସିଦ୍ଧମିଦଂ ହି ମହାତ୍ମନାମ୍ ।

ଉପରିଲିଖିତ ଶ୍ଳୋକଟିର ରେଖାଙ୍କିତ ପଦଗୁଡ଼ିକ ସପ୍ତମୀ ବିଭକ୍ତିରେ ରହିଛି ।

୧। ବର୍ତ୍ତମାନ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।

(କ) କୃଷକାଃ ଗ୍ରାମେ ବସନ୍ତି ।

(ଖ) ବସନ୍ତେ ସକଳଂ ରମ୍ୟଂ ଭବତି ।

(ଗ) ରାଧାନାଥଃ ସଂସ୍କୃତେ ନିପୁଣଃ ଆସୀତ୍ ।

ଉପରିଲିଖିତ ଉଦାହରଣ ବାକ୍ୟଗୁଡ଼ିକରେ 'ବସନ୍ତି', 'ଭବତି' ଓ 'ଆସୀତ୍' କ୍ରିୟାପଦ ଅଟନ୍ତି । ଏଠାରେ କ୍ରିୟାପଦଗୁଡ଼ିକର 'ଆଧାର' ଭାବେ ଯଥାକ୍ରମେ 'ଗ୍ରାମ', 'ବସନ୍ତ' ଓ 'ସଂସ୍କୃତ' ପଦ ବ୍ୟବହୃତ । କ୍ରିୟାର 'ଆଧାର'କୁ ଅଧିକରଣ କାରକ କୁହାଯାଏ ।[୧] ତେଣୁ 'ଗ୍ରାମ', 'ବସନ୍ତ' ଓ 'ସଂସ୍କୃତ' ଏମାନେ କ୍ରିୟାର ଆଧାର ଏବଂ ଅଧିକରଣ କାରକ ଅଟନ୍ତି । ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।[୨] ଏହାକୁ ଅଧିକରଣେ ସପ୍ତମୀ ବୋଲି କୁହାଯାଏ । ପୁନଶ୍ଚ 'ଆଧାର' ସାଧାରଣତଃ ତିନିପ୍ରକାର । ତେଣୁ ଅଧିକରଣ ତିନିପ୍ରକାର ହୋଇଥାଏ । ଯଥା – ସ୍ଥାନାଧିକରଣ, କାଳାଧିକରଣ ଓ ବିଷୟାଧିକରଣ । ଉପର୍ଯ୍ୟୁକ୍ତ ଉଦାହରଣରେ 'ଗ୍ରାମ' ସ୍ଥାନକୁ ବସନ୍ତ ସମୟକୁ ଏବଂ ସଂସ୍କୃତ ବିଷୟକୁ ବୁଝାଉଥିବାରୁ ଏମାନେ ଯଥାକ୍ରମେ ସ୍ଥାନାଧିକରଣ, କାଳାଧିକରଣ ଓ ବିଷୟାଧିକରଣ ହୋଇଥାନ୍ତି ।

୨। (କ) ଶିକ୍ଷକେ ଆଗତେ ଛାତ୍ରାଃ ଉତ୍ତିଷ୍ଠନ୍ତି ।

(ଖ) ରାମେ ଗତେ ଦଶରଥଃ ମୃତଃ ।

(ଗ) ଅସୁରେଷୁ ପରାସ୍ତେଷୁ ସୁରାଃ ଆନନ୍ଦିତାଃ ଅଭବନ୍ ।

ଯେଉଁ ଭାବ ବା କ୍ରିୟାଦ୍ୱାରା ପରବର୍ତ୍ତୀ କାର୍ଯ୍ୟର ସୂଚନା ମିଳେ, ସେହି ପୂର୍ବୋକ୍ତ ଭାବବାଚୀ ଶବ୍ଦରେ ସପ୍ତମୀ ବିଭକ୍ତି ହୋଇଥାଏ । ଏଠାରେ ଶିକ୍ଷକଙ୍କ ଆସିବା କ୍ରିୟାଦ୍ୱାରା ଛାତ୍ରମାନଙ୍କର ଉଠିବା କ୍ରିୟା, ରାମଙ୍କ ଗମନ କ୍ରିୟାଦ୍ୱାରା ଦଶରଥଙ୍କ ମରଣ କ୍ରିୟା ଏବଂ ଅସୁରମାନଙ୍କର ପରାସ୍ତ ହେବା କ୍ରିୟାଦ୍ୱାରା ଦେବତାଙ୍କ ଆନନ୍ଦ ହେବା କ୍ରିୟା ଲକ୍ଷ୍ୟ କରାଯାଉଛି । ତେଣୁ ସମାପିକା କ୍ରିୟାଗୁଡ଼ିକର କାଳ ଯେଉଁ ଯେଉଁ କ୍ରିୟା ଦ୍ୱାରା ସୂଚିତ ହେଲା ତା'ଠାରେ ସପ୍ତମୀ ବିଭକ୍ତି ହେଲା ।[୩] ଏହାକୁ 'ଭାବେ ସପ୍ତମୀ' କୁହାଯାଏ । 'ଭାବ' ଅର୍ଥ କ୍ରିୟା । ଭାବେ ସପ୍ତମୀରେ ଗୋଟିଏ ପଦ 'ବିଶେଷ୍ୟ' କିମ୍ବା 'ସର୍ବନାମ' ଅନ୍ୟ କୃଦନ୍ତ ପଦଟି 'ବିଶେଷଣ' ହୁଏ । ଏଣୁ ସପ୍ତମୀ ବିଭକ୍ତି ଉଭୟତ୍ର ଦେଖାଯାଏ । ତେଣୁ 'ଶିକ୍ଷକେ ଆଗତେ', 'ରାମେ ଗତେ' ଓ 'ଅସୁରେଷୁ ପରାସ୍ତେଷୁ' ପ୍ରଭୃତି କ୍ଷେତ୍ରରେ ସପ୍ତମୀ ବିଭକ୍ତି ହେଲା ।

---

୧। 'ଆଧାରୋଽଧିକରଣମ୍' । ଅଧିକ୍ରିୟତେ ଅସ୍ମିନ୍ ଇତି ଅଧିକରଣମ୍ । ଆ + ଧୃ + ଘଞ୍ = ଆଧାରଃ ଅର୍ଥାତ୍ ଯିଏ ଧାରଣ କରେ, ସେ ଆଧାର ଅଟେ । ଯେପରି- ରହିବା କାମର ଆଧାର 'ଗ୍ରାମ' ।

୨। 'ସପ୍ତମ୍ୟଧିକରଣେ' ।

୩। 'ଯସ୍ୟ ଚ ଭାବେନ ଭାବଲକ୍ଷଣମ୍' ।

୩। (କ) ଚର୍ମଣି ଦ୍ୱିପିନଂ ହନ୍ତି ।

(ଖ) ଦନ୍ତୟୋଃ ହନ୍ତି କୁଞ୍ଜରମ୍ ।

(ଗ) ରାଜା ଯଶସେ ବ୍ୟାଘ୍ରଂ ହନ୍ତି ।

ନିମିତ୍ତ ବା ଫଳର ଯଦି ଅବୟବାବୟବୀ ସମ୍ବନ୍ଧରେ (ଅଙ୍ଗାଙ୍ଗୀ) ଯୋଗ ହୋଇଥାଏ, ସେହି ନିମିତ୍ତ ବା ଫଳକୁ ବୁଝାଉଥିବା ଶବ୍ଦର ସପ୍ତମୀ ବିଭକ୍ତି ହୁଏ । ଉପର୍ଯ୍ୟୁକ୍ତ 'କ' ଓ 'ଖ' ବାକ୍ୟରେ 'ଚର୍ମ' ଓ 'ଦନ୍ତ', ନିମିତ୍ତବୋଧକ ଓ ଅବୟବ (ଅଙ୍ଗ) ବାଚକ । ତେଣୁ ସେଠାରେ ସପ୍ତମୀ ବିଭକ୍ତି ହେଲା । ଏହାକୁ 'ନିମିତ୍ତାତ୍ କର୍ମଯୋଗେ ସପ୍ତମୀ' ବୋଲି କୁହାଯାଏ ।[୧] କିନ୍ତୁ ଯେଉଁଠାରେ ନିମିତ୍ତ ବା ଫଳର କର୍ମ ସହିତ ସଂଯୋଗ ସମ୍ବନ୍ଧ ନଥାଏ, ସେଠାରେ ସପ୍ତମୀ ହୁଏ ନାହିଁ । 'ଗ' ବାକ୍ୟରେ 'ଯଶଃ ଲବ୍‌ଧୁମ୍', ଏହି ଅର୍ଥରେ କ୍ରିୟାର୍ଥୋପପଦ ଇତ୍ୟାଦି ସୂତ୍ରରେ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ଲୋପ ହୋଇ ତାହାର କର୍ମରେ ଚତୁର୍ଥୀ ବିଭକ୍ତି ହୋଇଛି ।

୪। (କ) ଅନ୍ଧଂ କରେ ଧୃତ୍ୱା ନୟ ।

(ଖ) କମପି ମସ୍ତକେ ମା ତାଡ଼ୟ ।

(ଗ) ଛାତ୍ରଂ କର୍ଣ୍ଣେ ଧୃତ୍ୱା ଆନୟ ।

ଶରୀରର କୌଣସି ଅଂଶକୁ ପୃଥକ୍ ଭାବରେ ଗ୍ରହଣ କରିବା ବୁଝାଇଲେ, ସେହି ଅଂଶବାଚକ ଶବ୍ଦର ଦ୍ୱିତୀୟା ନ ହୋଇ ସପ୍ତମୀ ବିଭକ୍ତି ହୁଏ । ଏହାକୁ ଅବଚ୍ଛେଦେ ସପ୍ତମୀ କୁହାଯାଏ ।[୨] **ଅବଚ୍ଛେଦ** ଶରୀରର ଅଂଶବିଶେଷ । ଉପର ଉଦାହରଣ ଗୁଡ଼ିକରେ କର, ମସ୍ତକ ଓ କର୍ଣ୍ଣ ପ୍ରଭୃତି ଶରୀରର ଗୋଟିଏ ଗୋଟିଏ ଅଂଶ ହୋଇଥିବାରୁ ସେଗୁଡ଼ିକର ସପ୍ତମୀ ବିଭକ୍ତି ହେଲା ।

୫। (କ) ଗବାଂ / ଗୋଷୁ ସ୍ୱାମୀ ।

(ଖ) ନରାଣାଂ / ନରେଷୁ ଈଶ୍ୱରଃ / ଅଧିପତିଃ ।

(ଗ) ବିବାଦସ୍ୟ / ବିବାଦେ ସାକ୍ଷୀ ।

(ଘ) ବ୍ୟବହାରସ୍ୟ / ବ୍ୟବହାରେ ପ୍ରତିଭୂଃ ।

(ଙ) କୁଳସ୍ୟ / କୁଳେ ଦାୟାଦଃ ।

ସ୍ୱାମୀ, ଈଶ୍ୱର, ଅଧିପତି, ସାକ୍ଷିନ୍, ପ୍ରତିଭୂଃ (ଜାମିନ୍ / ମଧ୍ୟସ୍ଥି) ଦାୟାଦ ପ୍ରଭୃତି ଶବ୍ଦ ଯୋଗରେ ଷଷ୍ଠୀ ଓ ସପ୍ତମୀ ବିଭକ୍ତି ହୁଏ ।[୩] ସ୍ୱାମୀ, ଈଶ୍ୱର ଓ ଅଧିପତି ଶବ୍ଦ ବ୍ୟତୀତ ସ୍ୱାମ୍ୟର୍ଥକ ଅନ୍ୟ ଶବ୍ଦଯୋଗରେ ସପ୍ତମୀ ହେବ ନାହିଁ । ଯଥା :-

(ଚ) **ନରାଣାମ୍ ଈଶଃ / ପ୍ରଭୁଃ । (ଏଠାରେ ଷଷ୍ଠୀ ହେଲା, ନରେଷୁ ହେବ ନାହିଁ)**

୬। (କ) ଶ୍ରୀକୃଷ୍ଣଃ ବଂଶୀବାଦନେ କୁଶଳଃ / ଦକ୍ଷଃ ।

(ଖ) ମାତା ପାଚନେ ନିପୁଣା / ପ୍ରବୀଣା ।

(ଗ) ଶ୍ରମିକଃ କାର୍ଯ୍ୟେ ବ୍ୟାପୃତଃ / ଲଗ୍ନଃ / ତତ୍‌ପରଃ ।

(ଘ) ଅନୁରାଧା ଧାବନେ ପଟୁଃ ।

---

୧। 'ନିମିତ୍ତାତ୍ କର୍ମଯୋଗେ । ନିମିତ୍ତମ୍ - ଫଳମ୍, ଯୋଗଃ - ସଂଯୋଗ ସମ୍ବନ୍ଧେନ ବା ସମବାୟ ସମ୍ବନ୍ଧେନ ।

୨। 'ସପ୍ତମୀ ଅବଚ୍ଛେଦେ' ।

୩। 'ସ୍ୱାମୀଶ୍ୱରାଧିପତିଦାୟାଦସାକ୍ଷିପ୍ରତିଭୂପ୍ରସୂତୈଶ୍ଚ' ।

ବ୍ୟାପୃତ, ଲଗ୍ନ, ତତ୍ପର, କୁଶଳ, ନିପୁଣ, ଦକ୍ଷ, ପଟୁ, ପ୍ରବୀଣ ପ୍ରଭୃତି ଶବ୍ଦଯୋଗରେ ସପ୍ତମୀ ବିଭକ୍ତି ହୋଇଥାଏ ।[୧]

୭। (କ) ମନୁଷ୍ୟଃ ମନୁଷ୍ୟେ ବିଶ୍ୱସେତ୍ ।

(ଖ) ମାତା ପୁତ୍ରେ ସ୍ନିହ୍ୟତି ।

(ଗ) ଗୁରୌ ଶିଷ୍ୟାଃ ଅନୁରକ୍ତାଃ ।

(ଘ) ପିତା ମୟି ବିରକ୍ତଃ ଜାତଃ ।

(ଙ) ଅହଂ ଶିକ୍ଷକେ ଭକ୍ତିଂ କରୋମି ।

(ଚ) ବାୟୁଯାନସ୍ୟ-ଆରୋହଣେ ତସ୍ୟ ଅଭିଳାଷଃ ।

ବିଶ୍ୱାସ, ସ୍ନେହ, ଅନୁରକ୍ତି, ବିରକ୍ତି, ଭକ୍ତି, ଅଭିଳାଷ ପ୍ରଭୃତି ଅର୍ଥ ବିଶିଷ୍ଟ ପଦଯୋଗରେ ଯାହାଠାରେ ବିଶ୍ୱାସ ପ୍ରଭୃତି କରାଯାଏ, ତା'ଠାରେ ସପ୍ତମୀ ବିଭକ୍ତି ହୁଏ ।

୮। (କ) ଏତତ୍ କଥଂ ମୟି ସମ୍ଭାବ୍ୟତେ ?

(ଖ) ଅଯୋଧ୍ୟାୟାଃ ନୃପତ୍ୱଂ ରାମେ ଯୁଜ୍ୟତେ ।

(ଗ) ଏତତ୍ ତ୍ୱୟି ନ ଉପପଦ୍ୟତେ ।

ସମ୍ଭାବ୍ୟତେ, ଯୁଜ୍ୟତେ ଓ ଉପପଦ୍ୟତେ ଯୋଗରେ ଯାହାଠାରେ ଯୋଗ୍ୟତା, ସମ୍ଭାବନା ଇତ୍ୟାଦି ବୁଝାଇଥାଏ ତାଠାରେ ସପ୍ତମୀ ବିଭକ୍ତି ହୁଏ ।

**ମନେରଖ :**

- କ୍ରିୟାର ଆଧାର ଅଧିକରଣ ।
- ସ୍ଥାନାଧିକରଣ, କାଳାଧିକରଣ, ବିଷୟାଧିକରଣ ।
- ନିମିତ୍ତ କର୍ମସଂଯୋଗ ହେଲେ ସପ୍ତମୀ ହୁଏ ।
- ସପ୍ତମୀ ଅବଚ୍ଛେଦେ ।
- ସ୍ୱାମୀ, ଈଶ୍ୱର, ଅଧିପତି, ସାକ୍ଷିନ୍ ପ୍ରଭୃତି ଶବ୍ଦଯୋଗେ ଷଷ୍ଠୀ ଓ ସପ୍ତମୀ ।
- କୌଣସି ଏକ କ୍ରିୟାର ସମାପ୍ତିରେ, ଅନ୍ୟ କ୍ରିୟାର ଆରମ୍ଭ ହେଲେ, ସମାପ୍ତ କ୍ରିୟା ଓ କର୍ତ୍ତାରେ ସପ୍ତମୀ ।
- କୁଶଳ, ନିପୁଣ, ଦକ୍ଷ, ପଟୁ ପ୍ରଭୃତି ଶବ୍ଦଯୋଗେ ସପ୍ତମୀ ।
- ବିଶ୍ୱାସ, ସ୍ନେହ, ଅନୁରକ୍ତି, ବିରକ୍ତି ପ୍ରଭୃତି ଶବ୍ଦ ବା କ୍ରିୟା ଯୋଗେ ସପ୍ତମୀ ।
- ସମ୍ଭାବ୍ୟତେ, ଯୁଜ୍ୟତେ ଓ ଉପପଦ୍ୟତେ କ୍ରିୟାଯୋଗେ ସପ୍ତମୀ ।

---

୧। 'ସାଧୁନିପୁଣାଭ୍ୟାମର୍ଚ୍ଚାୟାଂ ସପ୍ତମ୍ୟପ୍ରତେଃ' ।

## ଅଭ୍ୟାସଃ

୧। **ନିମ୍ନଲିଖିତଶ୍ଲୋକେଷୁ ସପ୍ତମ୍ୟନ୍ତପଦାନି ରେଖାଙ୍କିତାନି କୁରୁତ ।**

(କ) ଶୈଳେ ଶୈଳେ ନ ମାଣିକ୍ୟଂ ମୌକ୍ତିକଂ ନ ଗଜେ ଗଜେ ।
ସାଧବୋ ନ ହି ସର୍ବତ୍ର ଚନ୍ଦନଂ ନ ବନେ ବନେ ।।

(ଖ) ମନ୍ତ୍ରେ ତୀର୍ଥେ ଦ୍ୱିଜେ ଦେବେ ଦୈବଜ୍ଞେ ଭେଷଜେ ଗୁରୌ ।
ଯାଦୃଶୀ ଭାବନା ଯସ୍ୟ ସିଦ୍ଧିଃ ଭବତି ତାଦୃଶୀ ।।

(ଗ) ବ୍ରହ୍ମଘ୍ନେ ଚ ସୁରାପେ ଚ ଚୌରେ ଭଗ୍ନବ୍ରତେ ଶଠେ ।
ନିଷ୍କୃତିଃ ବିହିତା ସଭିଃ କୃତଘ୍ନେ ନାସ୍ତି ନିଷ୍କୃତିଃ ।।

(ଘ) ମାତୃବତ୍ ପରଦାରେଷୁ ପରଦ୍ରବ୍ୟେଷୁ ଲୋଷ୍ଟବତ୍ ।
ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ ।।

୨। **ଉଦାହରଣମନୁସୃତ୍ୟ ବାକ୍ୟାନି ପୂରୟତ ।**

ଯଥା :-ପିତା ସ୍ନିହ୍ୟତି । (ପୁତ୍ର) ଉତ୍ତର – ପିତା <u>ପୁତ୍ରେ</u> ସ୍ନିହ୍ୟତି ।

(କ) ଦଶରଥଃ __________ ଅଧିକଂ ସ୍ନିହ୍ୟତି ସ୍ମ । (କୈକେୟୀ)

(ଖ) କୋଽପି __________ ନ ବିଶ୍ୱସେତ୍ । (ଅବିଶ୍ୱସ୍ତ)

(ଗ) ଶିକ୍ଷକଃ __________ ବିରକ୍ତଃ ଜାତଃ । (ଛାତ୍ର)

(ଘ) ଅହଂ __________ ନିତରାମ୍ ଅନୁରକ୍ତଃ । (ଯୁଷ୍ମଦ୍)

(ଙ) ଛାତ୍ରାଃ __________ ଭକ୍ତିଂ କୁର୍ବନ୍ତି । (ସରସ୍ୱତୀ)

୩। **ଉଦାହରଣାନୁସାରଂ ବାକ୍ୟାନି ଶୂନ୍ୟସ୍ଥାନେ ଲିଖତ ।**

ଯଥା :- ଭୀମଃ ରାକ୍ଷସଂ <u>ଶିରସି</u> ଅତାଡ଼ୟତ୍ । (ଶିରସ୍)

(କ) ଆରକ୍ଷୀ ଚୌରଂ __________ ଗୃହୀତବାନ୍ । (ହସ୍ତ)

(ଖ) କମପି __________ ନ ତାଡ଼ୟିତବ୍ୟମ୍ । (ଉଦର)

(ଗ) ରାବଣଃ ଜଟାୟୁଂ __________ ପ୍ରହୃତବାନ୍ । (ପକ୍ଷ)

(ଘ) ବାଳକଃ ବାଳକଂ __________ ଗୃହୀତବାନ୍ । (କେଶ)

(ଙ) ଅନ୍ଧଂ __________ ଧୃତ୍ୱା ଆନୟ । (ହସ୍ତ)

୪। **ନିମ୍ନଲିଖିତପଦାନି ବ୍ୟବହୃତ୍ୟ ସ୍ୱଦିନଚର୍ଯ୍ୟାଂ ଲିଖତ ।**

ପ୍ରାତଃକାଳେ, ସାର୍ଦ୍ଧସପ୍ତବାଦନେ, ଦଶବାଦନେ, ଏକବାଦନେ, ସାୟଂକାଳେ, ସାୟଂସପ୍ତବାଦନେ , ରାତ୍ରୌ ଦଶବାଦନେ

ଯଥା : ପ୍ରାତଃକାଳେ ଅହଂ ଷଡ୍‌ବାଦନେ ଶଯ୍ୟାତ୍ୟାଗଂ କରୋମି ।

୫। କୋଷ୍ଠକସ୍ଥିତ ଶବ୍ଦାନାମ୍ ଉପଯୁକ୍ତ ରୂପୈଃ ଶୂନ୍ୟସ୍ଥାନଂ ପୂରୟତ ।

(କ) ମମ ବନ୍ଧୁଃ ____________ ନିପୁଣଃ । (କ୍ରୀଡ଼ା)

(ଖ) ଶ୍ରୀକୃଷ୍ଣଃ ____________ ଦକ୍ଷଃ । (ବଂଶୀବାଦନ)

(ଗ) ଅସ୍ମାକଂ ଶିକ୍ଷକଃ ____________ ପଟୁଃ । (ଗଣିତ)

(ଘ) ଅନୁରାଧା ____________ ପ୍ରବୀଣା । (ଶ୍ଳୋକପଠନ)

(ଙ) ମମ ଅନୁଜଃ ____________ ଲଗ୍ନଃ । (ରାଜନୀତି)

୬। ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ନିରୂପୟତ ।

(କ) ଛାତ୍ରାଃ ବିଦ୍ୟାଳୟେ ପଠନ୍ତି ।

(ଖ) ଚୌର୍ଯ୍ୟଂ ମୟି ନ ସମ୍ଭାବ୍ୟତେ ।

(ଗ) ମହାତ୍ମା ରାଜନୀତୌ ନିପୁଣଃ ଆସୀତ୍ ।

(ଘ) କେଶେଷୁ ଚମରାଂ ହନ୍ତି ।

(ଙ) ଧେନବଃ ବତ୍ସାସୁ ସ୍ନିହ୍ୟନ୍ତି ।

(ଚ) ବାଳକେ ନିଦ୍ରିତେ ମାତା ଗମିଷ୍ୟତି ।

(ଛ) ପିତରି ମାତରି ଚ ଭକ୍ତିଂ କୁରୁ ।

(ଜ) କୃଷ୍ଣଃ ମାତରି ସାଧୁଃ, ମାତୁଳେ ଅସାଧୁଃ ।

୭। ଭ୍ରମସଂଶୋଧନଂ କୁରୁତ ।

ଯଥା :- ନଦୀଭ୍ୟଃ ଗଙ୍ଗା ପବିତ୍ରତମା ।

(କ) କଥଂ ମାଂ ନ ବିଶ୍ୱସିଷି ?

(ଖ) ଜନନୀ ପୁତ୍ରାୟ ସ୍ନିହ୍ୟତି ।

(ଗ) ହସ୍ତଂ ଧୃତ୍ୱା କ୍ଷମାଂ ଯାଚିତବାନ୍ ।

(ଘ) ପ୍ରଭୁଃ ସେବକାୟ ଅନୁରକ୍ତଃ ଭବତି ।

(ଙ) ଶ୍ରବଣକୁମାରଃ ମାତରଂ ସାଧୁଃ ଆସୀତ୍ ।

(ଚ) ସର୍ବେଷାଂ କାର୍ଯ୍ୟାଣାଂ ସଃ ତତ୍ପରଃ ।

(ଛ) କର୍ମଣଃ ଏବ ତବ ଅଧିକାରଃ ।

୮। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।

(କ) ନଈରେ ମାଛଗୁଡ଼ିକ ଆନନ୍ଦରେ ପହଁରୁଛନ୍ତି ।

(ଖ) ବର୍ଷାକାଳରେ ମୟୂରଗୁଡ଼ିକ ନୃତ୍ୟ କରନ୍ତି ।

(ଗ) ବୃଦ୍ଧଲୋକଟିକୁ ହାତ ଧରି ନିଅ ।

(ଘ) ମୋର ମନ ଗଣିତରେ ରହୁ ନାହିଁ ।

(ଙ) ଗୋବିନ୍ଦ ରାମକୁ ଭାଇ ଭଳି ସ୍ନେହ କରେ ।

(ଚ) ଏ ସିଂହାସନ ତୁମ ପାଇଁ ଯୋଗ୍ୟ ।

(ଛ) ସାଙ୍ଗମାନେ ଆସିଲେ, ମୁଁ ଯିବି ।

(ଜ) ସଙ୍କଟବେଳେ ବନ୍ଧୁଙ୍କୁ ଜାଣିବ ।

(ଝ) ଉଡ଼ାଜାହାଜରେ ଭ୍ରମଣ ପାଇଁ ମୋର ପ୍ରବଳ ଇଚ୍ଛା ।

(ଞ) ମୁଁ ଚାହୁଁ ଚାହୁଁ ସେ ମୋ କଲମଟି ନେଇଗଲା ।

# ମିଶ୍ର ବିଭକ୍ତି

୧ । ପୃଥକ୍, ନାନା ଓ ବିନା ଯୋଗରେ ୨ୟା, ୩ୟା ଓ ୫ମୀ ବିଭକ୍ତି ହୁଏ; କିନ୍ତୁ ଋତେ ଯୋଗରେ ୨ୟା ଓ ୫ମୀ ବିଭକ୍ତି ହୋଇଥାଏ । 'ଅନ୍ତରେଣ' ଯୋଗରେ କେବଳ ୨ୟା ବିଭକ୍ତି ହୁଏ ।

୨ । ଦକ୍ଷିଣେନ ଓ ଉତ୍ତରେଣ ପ୍ରଭୃତି ଏନପ୍ - ପ୍ରତ୍ୟୟାନ୍ତ ପଦଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୩ । ଫଳପ୍ରାପ୍ତି ନ ବୁଝାଇ କାଳ ଓ ମାର୍ଗର ଅତ୍ୟନ୍ତ ସଂଯୋଗ ବୁଝାଇଲେ କାଳ ଓ ମାର୍ଗବାଚକ ଶବ୍ଦରେ ବ୍ୟାପ୍ତ୍ୟର୍ଥେ ୨ୟା ହୁଏ; କିନ୍ତୁ ଫଳପ୍ରାପ୍ତି ବୁଝାଇଲେ ସେଠାରେ ଅପବର୍ଗେ ୩ୟା ହୋଇଥାଏ ।

୪ । ସାଧାରଣତଃ 'ପ୍ରତି' ଯୋଗେ ୨ୟା ହୁଏ; କିନ୍ତୁ ପ୍ରତିନିଧି ଓ ପ୍ରତିଦାନ ବାଚକ 'ପ୍ରତି' ଯୋଗରେ ୫ମୀ ହୋଇଥାଏ ।

୫ । ବାରଣାର୍ଥକ 'ଅଲମ୍' ଯୋଗରେ ୩ୟା ଓ ସମର୍ଥାର୍ଥକ 'ଅଲମ୍' ଯୋଗରେ ୪ର୍ଥୀ ହୁଏ ।

୬ । ଗମନାର୍ଥକ ଓ କଥନାର୍ଥକ ଧାତୁ ପ୍ରୟୋଗରେ ପ୍ରାୟ ୨ୟା ଓ ୪ର୍ଥୀ ହୋଇଥାଏ ।

୭ । ତୁଲ୍ୟାର୍ଥକ ଓ ତୃପ୍ତ୍ୟର୍ଥକ ପଦଯୋଗରେ ୩ୟା ଓ ୬ଷ୍ଠୀ ହୁଏ; କିନ୍ତୁ ତୁଲା ଓ ଉପମା ଶବ୍ଦ ଯୋଗରେ କେବଳ ୬ଷ୍ଠୀ ହୁଏ ।

୮ । ହେତୁ ଅର୍ଥରେ ୩ୟା ଓ ୫ମୀ ହୁଏ; କିନ୍ତୁ ହେତୁ ଶବ୍ଦଟି ସ୍ତ୍ରୀଲିଙ୍ଗ ହୋଇଥିଲେ କେବଳ ୩ୟା ହୁଏ ।

୯ । ତବ୍ୟ, ଅନୀୟ ପ୍ରଭତି କୃତ୍ୟ ପ୍ରତ୍ୟୟ ଯୋଗରେ କର୍ତ୍ତାଠାରେ ୩ୟା ଓ ୬ଷ୍ଠୀ ହୁଏ ।

୧୦ । ସ୍ମରଣାର୍ଥକ, ଦୟ୍ ଓ ଈଶ୍ ଧାତୁଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୧୧ । ଆଶୀର୍ବାଦାର୍ଥକ ଶବ୍ଦଯୋଗରେ ୪ର୍ଥୀ ଓ ୬ଷ୍ଠୀ ହୁଏ; କିନ୍ତୁ ସ୍ୱସ୍ତି ଯୋଗରେ କେବଳ ୪ର୍ଥୀ ହୋଇଥାଏ ।

୧୨ । ନିମିତ୍ତାର୍ଥେ ୪ର୍ଥୀ ହୁଏ; କିନ୍ତୁ କର୍ମ ସହିତ ଅବୟବାଦି ସମ୍ବନ୍ଧ ଥିଲେ ୭ମୀ ହୁଏ ।

୧୩ । 'ଉପବସତି'ର ଅର୍ଥ କେବଳ ବାସ କରିବା ହେଲେ ଅଧିକରଣ କର୍ମସଂଜ୍ଞା ପ୍ରାପ୍ତ ହୋଇ ୨ୟା ହୁଏ; କିନ୍ତୁ 'ଉପବସତି' ଯଦି 'ଉପବାସ' ଅର୍ଥକୁ ବୁଝାଏ, ତେବେ 'ଅଧିକରଣେ ୭ମୀ' ହୋଇଥାଏ ।

୧୪ । କ୍ରୁଧ୍ ଓ ଦ୍ରୁହ୍ ଧାତୁ ଯୋଗରେ ୪ର୍ଥୀ ହୁଏ; କିନ୍ତୁ ତାହା ପୂର୍ବରୁ ଉପସର୍ଗ ଥିଲେ ୨ୟା ହୁଏ ।

୧୫ । ଦୂରାର୍ଥ ଓ ନିକଟାର୍ଥ ଶବ୍ଦଯୋଗରେ ୫ମୀ ଓ ୬ଷ୍ଠୀ ହୁଏ; କିନ୍ତୁ ସମୟା ଓ ନିକଷା ଯୋଗରେ ୨ୟା ଓ 'ଆରାତ୍' ଯୋଗରେ କେବଳ ୫ମୀ ହୋଇଥାଏ । ଦୂର ଓ ଅନ୍ତିକାର୍ଥକ ଶବ୍ଦରୁ ୨ୟା, ୩ୟା ଓ ୫ମୀ ହୁଏ । ଯଥା :- ଗ୍ରାମସ୍ୟ / ଗ୍ରାମାତ୍ ଦୂରଂ / ଦୂରେଣ / ଦୂରାତ୍ ବିଦ୍ୟାଳୟଃ ଅସ୍ତି ।


୧୬ । ନିର୍ଦ୍ଧାରଣାର୍ଥେ, ଅନାଦରାର୍ଥେ ଏବଂ ସ୍ୱାମିନ୍, ସାକ୍ଷିନ୍ ପ୍ରଭୃତି ଶବ୍ଦଯୋଗରେ ୬ଷ୍ଠୀ ଓ ୭ମୀ ହୁଏ ।

୧୭ । ନିମିତ୍ତ ପର୍ଯ୍ୟାୟ ଯୋଗରେ ପ୍ରାୟ ସବୁ ବିଭକ୍ତିରେ ପ୍ରୟୋଗ ହୁଏ । ଯଥା :- କିଂ ନିମିତ୍ତମ୍, କେନ ନିମିତ୍ତେନ, କସ୍ମୈ ନିମିତ୍ତାୟ, କସ୍ମାତ୍ ନିମିତ୍ତାତ୍, କସ୍ୟ ନିମିତ୍ତସ୍ୟ, କସ୍ମିନ୍ ନିମିତ୍ତେ ।

୧୮ । ଦିବ୍ ଧାତୁଯୋଗରେ ୨ୟା ଓ ୩ୟା ହୁଏ । ଯଥା :- ଅକ୍ଷୈଃ ଅକ୍ଷାନ୍ ବା ଦୀବ୍ୟତି (ପଶାକାଠିରେ ଖେଳୁଛି) । କିନ୍ତୁ ଦିବ୍ ଧାତୁ ଉପସର୍ଗଯୁକ୍ତ ହେଲେ ୨ୟା ଓ ୬ଷ୍ଠୀ ହୋଇଥାଏ । ଯଥା :- ଶତସ୍ୟ ଶତଂ ବା ପ୍ରତିଦୀବ୍ୟତି (ଶହେ ଟଙ୍କା ଲଗାଇ ପଶା ଖେଳୁଛି) ।

୧୯ । ଅନାଦରଭାବ ବୁଝାଇଲେ ମନ୍ୟ ଧାତୁର ପ୍ରୟୋଗରେ ଅନାଦରବୋଧକ କର୍ମର ୨ୟା ଓ ୪ର୍ଥୀ ହୁଏ; ଅହଂ ତ୍ୱାଂ ତୃଣଂ / ତୃଣାୟ ମନ୍ୟେ । କିନ୍ତୁ ଅନାଦରବୋଧକ ଶବ୍ଦଟି ପ୍ରାଣୀବାଚକ ହୋଇଥିଲେ, ସେଠାରେ କେବଳ ୨ୟା ହୁଏ । ଯଥା :- ସଃ ମାଂ କାକଂ ମନ୍ୟତେ । (ନ କାକାୟ)

୨୦ । ହୃ ଓ କୃ ଧାତୁର ଣିଜନ୍ତ ପ୍ରୟୋଗରେ ୨ୟା ଓ ୩ୟା ହୁଏ । ଯଥା :- ହାରୟତି କାରୟତି ବା ଭୃତ୍ୟଂ ଭୃତ୍ୟେନ ବା କଟମ୍ (ଚାକର ଦ୍ୱାରା ସପ / ମସିଣା ନେଉଛି / କରାଉଛି) ।



ଓଡ଼ିଆପୋର୍ଟାଲ.ଇନ୍‌ଙ୍କର
ପାଠାଗାର
Pathagara.OdiaPortal.IN